# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୩/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, February 3/2023 | Page 16 | ₹ 7.00 | RAYAGADA

୪୯ଶ ଭାଗ ୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 49 ISSUE 71 ମୂଲ୍ୟ ₹୭/-






KP GROUP Quality Since 1965
कमला पसन्द
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: YouTube

ଧରିତ୍ରୀ
DHARITRI

ଶୁକ୍ରବାର, ଫେବୃୟାରୀ ୩/୨୦୨୩ (୧୬ ପୃଷ୍ଠା) | Friday, February 3/2023 | Page 16 | ପୃଷ୍ଠା-୧



## ଅମନଙ୍କୁ ବ୍ରୋଞ୍ଜ ପଦକ

ଭାରତର ଅମନ ଶେରାଓ୍ୱତ ଜାଗ୍ରେବ୍ ଓପନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି।

୧୪ ୧୧

## ୬ରେ ବାହାହେବେ କିଆରା

ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ଓ ଅଭିନେତ୍ରୀ କିୟାରା ଆଡଭାନୀ ଆସନ୍ତା ୬ ତାରିଖରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି।



# ଜେପିସି ତଦନ୍ତ ଦାବିକଲେ ବିରୋଧୀ

## ପାର୍ଲାମେଣ୍ଟରେ ଆଦାନୀ ଝଡ଼

**ନୂଆଦିଲ୍ଲୀ/ମୁମ୍ବାଇ,୨।୨**

ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଅଡୁଆ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଦାନୀ ସମୂହ ବିରୋଧରେ ଆମେରିକୀୟ ଆକ୍ଟିଭିଷ୍ଟ ଇନ୍‌ଭେଷ୍ଟର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଣିଥିବା ଷ୍ଟକ୍ସ ଓ ଆକାଉଣ୍ଟସ ହେରଫେର ଅଭିଯୋଗର ତଦନ୍ତ ଦାବି ଭାରତରେ ଜୋର୍ ଧରିଛି। ଗୁରୁବାର ପାର୍ଲାମେଣ୍ଟ ବଜେଟ ଅଧିବେଶନର ତୃତୀୟ ଦିନରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଉକ୍ତ ପ୍ରସଙ୍ଗରେ ବିତର୍କ ଏବଂ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଅଭିଯୋଗଗୁଡ଼ିକର ତଦନ୍ତ ଦାବିରେ ଅଡ଼ିବସିଥିଲେ। ବିପକ୍ଷର ସଦସ୍ୟମାନେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ଫଳରେ ଦୁଇ ସଦନରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ହୋହଲ୍ଲା ମଧ୍ୟରେ ଗୃହକୁ ବାରମ୍ବାର ସ୍ଥଗିତ କରିବାକୁ ପଡ଼ିଥିଲା। ଶେଷରେ ରାଜ୍ୟ ସଭା ଅଧ୍ୟକ୍ଷ ଏବଂ ଲୋକ ସଭା ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

ଆଦାନୀ ଗ୍ରୁପ୍ ଉପରେ ଭରସା କରି ନିବେଶକମାନେ ଯେଉଁ ଟଙ୍କା ଲଗାଇଥିଲେ ତାହା ଫେରସ୍ତ ପାଇବେ କି ନାହିଁ ସନ୍ଦେହ। ତେଣୁ ପାର୍ଲାମେଣ୍ଟର ବଜେଟ ଅଧିବେଶନରେ ଏହି ପ୍ରସଙ୍ଗରେ କେନ୍ଦ୍ରକୁ ଘେରିବା ପାଇଁ ୯ ବିରୋଧୀ ଦଳ ଏକାଠି ହୋଇଥିଲେ। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି), ଆମ୍ ଆଦ୍‌ମୀ ପାର୍ଟି (ଏଏପି), ସମାଜବାଦୀ ପାର୍ଟି (ଏସ୍‌ପି), ଦ୍ରାବିଡ ମୁନେତ୍ରା କାଜାଗାମ୍ (ଡିଏମ୍‌କେ), ସଂଯୁକ୍ତ ଜନତା ଦଳ (ଜେଡିୟୁ), ଉଦ୍ଧବଙ୍କ ଶିବସେନା ଏବଂ ବାମପନ୍ଥୀ ନେତାମାନେ ରଣନୀତି ପ୍ରସ୍ତୁତ କରିଥିଲେ। ଅଧିବେଶନ ଆରମ୍ଭ ହେବା ମାତ୍ରେ ଯୁଗ୍ମ ସଂସଦୀୟ କମିଟି କିମ୍ବା ସୁପ୍ରିମକୋର୍ଟ ନିଯୁକ୍ତ ଏକ କମିଟି ଦ୍ୱାରା ଏହି ଜାଲିଆତିର ତଦନ୍ତ କରାଯାଉ ବୋଲି ପାର୍ଲାମେଣ୍ଟରେ ବିରୋଧୀ ସଦସ୍ୟମାନେ ଦାବି କରିଥିଲେ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସେମାନଙ୍କ ଅନୁରୋଧକୁ ଶୁଣି ନ ଥିଲେ। ଭିତ୍ତିହୀନ ଦାବି ନ କରିବାକୁ ସେ ଏମ୍‌ପିମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନକର ☞ପୃଷ୍ଠା-୨



ପାର୍ଲାମେଣ୍ଟ ବାହାରେ ଗୁରୁବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ବିରୋଧୀ ନେତାମାନେ ଜେପିସି ତଦନ୍ତ ଦାବି କରୁଛନ୍ତି।

- **ବିତର୍କ ପାଇଁ ଦିଆଯାଇଥିବା ନୋଟିସ ଗ୍ରହଣ କଲେନି ରାଜ୍ୟ ସଭା ଅଧ୍ୟକ୍ଷ: ଖାର୍ଗେ**
- **ଗୌତମ ଆଦାନୀ ବିଦେଶକୁ ପଳାୟନ କରିପାରନ୍ତି, ପାସ୍‌ପୋର୍ଟ ସିଜ୍ କର: ସଞ୍ଜୟ ସିଂ**
- **ବ୍ୟାଙ୍କଗୁଡ଼ିକୁ ଆଦାନୀଙ୍କ ଋଣର ବିବରଣୀ ମାଗିଲା ଆର୍‌ବିଆଇ**

## ୨୧ରୁ ବିଧାନସଭା ଅଧିବେଶନ

### ୨୪ରେ ବଜେଟ

**ଭୁବନେଶ୍ୱର,୨।୨(ବ୍ୟୁରୋ):** ବିଧାନସଭାର ବଜେଟ ଅଧିବେଶନ ଫେବୃୟାରୀ ୨୧ରୁ ଆରମ୍ଭ ହେବ। ଏହା ୨ଟି ପର୍ଯ୍ୟାୟରେ ଏପ୍ରିଲ ୬ ତାରିଖ ଯାଏ ଚାଲିବ। ଆସନ୍ତା ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟଦିବସ ରହିଛି। ଫେବୃୟାରୀ ୨୧ରୁ ମାର୍ଚ୍ଚ ୧ ତାରିଖ ଯାଏ ପ୍ରଥମ ପର୍ଯ୍ୟାୟ ଅଧିବେଶନ ଅନୁଷ୍ଠିତ ହେବ। ମାର୍ଚ୍ଚ ୨ରୁ ୯ ତାରିଖ ପର୍ଯ୍ୟନ୍ତ ଅଧିବେଶନ ବନ୍ଦ ରହିବ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୧୦ରୁ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ରାଜ୍ୟପାଳ ଗୃହକୁ ସମ୍ବୋଧିତ କରିବେ। ୨୩ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଗୃହରେ ଆଲୋଚନା ହେବ। ଫେବୃୟାରୀ ୨୪ରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ ଉପସ୍ଥାପନ ହେବ। ସାଧାରଣ ନିର୍ବାଚନ ପୂର୍ବରୁ ଏହା ହେବ ଶେଷ ପୂର୍ଣ୍ଣାଙ୍ଗ ବଜେଟ। ମାର୍ଚ୍ଚ ୧୩ରୁ ୨୯ ତାରିଖ ଯାଏ ବଜେଟ ଉପରେ ଆଲୋଚନା ହେବ। ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଲ୍ ଗୃହର ଅନୁମୋଦନ ପାଇଁ ଉପସ୍ଥାପନ ହେବ।

## ମହିଳାଙ୍କୁ ଗଣବଳାତ୍କାର ପରେ ହତ୍ୟା ଅଭିଯୋଗ

### ଭଡ଼ାଘରୁ ମିଳିଲା ମୃତଦେହ

**ପଦ୍ମପୁର,୨।୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଥାନା ଅଞ୍ଚଳରେ ଘରଭଡ଼ା ଦେଇ ନ ପାରିବାରୁ ଜଣେ ମହିଳାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ମହିଳାଙ୍କ ମା' ଏନେଇ ଗୁରୁବାର ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ଇରମ ଅଞ୍ଚଳରେ ଏକ ଘରଭଡ଼ା ନେଇ ତାଙ୍କ ଝିଅ ଜ୍ୱାଇଁ ରହୁଥିଲେ। ଜ୍ୱାଇଁ ମତ୍ସ୍ୟଜୀବୀ ହୋଇଥିବାରୁ ସ୍ତ୍ରୀ ଓ ଦୁଇପିଲାଙ୍କୁ ଛାଡ଼ି ମାଛ ଧରିବା ପାଇଁ ସମୁଦ୍ରକୁ ଯାଉଥିଲେ। ଉକ୍ତ ଘର ମାଲିକ ବିଭିନ୍ନ ସମୟରେ ଘରଭଡ଼ାକୁ ନେଇ ତାଙ୍କ ଝିଅକୁ ଗାଳିଗୁଲଜ କରିବା ସହ ମାର୍‌ପିଟ୍ କରୁଥିଲେ। ଗୁରୁବାର ସକାଳେ ସେ ଦେଖା କରିବାକୁ ଆସିଥିବା ବେଳେ ଭଡ଼ାଘରେ ଝିଅ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ମୃତଦେହରେ ବିଭିନ୍ନ କ୍ଷତ ଚିହ୍ନ ରହିଥିଲା। ଭଡ଼ା ଦେଇ ନ ପାରିବାରୁ ଘର ମାଲିକ ଓ ତାଙ୍କ ସହଯୋଗୀମାନେ ମିଶି ତାଙ୍କ ଝିଅକୁ ବଳାତ୍କାର କରି ହତ୍ୟା କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଥାନାଧିକାରୀ ସାବିତ୍ରୀ ପଣ୍ଡା ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୫୬/୨୩) ରୁଜୁ କରାଯାଇଛି। ଏହା ଗଣବଳାତ୍କାର ନୁହେଁ, କିନ୍ତୁ ମହିଳାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣପଡ଼ିବ ବୋଲି ଥାନାଧିକାରୀ ପଣ୍ଡା କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଉତ୍ତରଦାୟିତ୍ୱକୁ ଅସ୍ୱୀକାର**

## ମୁକୁଳା ପାଣିଗର୍ତ୍ତରେ ପଡ଼ି ୨ ଶିଶୁକନ୍ୟା ମୃତ

### ଘର ନିକଟରେ ଖେଳୁଥିଲେ

**ଚିତ୍ରକୋଣ୍ଡା,୨।୨(ଡି.ଏନ୍.ଏ.)**

ଖେଳୁଥିବାବେଳେ ମୁକୁଳା ପାଣିଗର୍ତ୍ତରେ ଖସିପଡ଼ି ୨ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଢେପସାହିରେ ଗୁରୁବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ୨ ଶିଶୁ ହେଲେ ଢେପସାହିର ହରି କମାରଙ୍କ ଝିଅ ସୁଭଦ୍ରା(୪) ଏବଂ ଶୁକ୍ରା ଜାନମଙ୍କ ଝିଅ ସୁମୀ(୩)।

ଘଟଣାରୁ ପ୍ରକାଶ, ଦିନ ୧୨ଟା ବେଳେ ସୁଭଦ୍ରା ଏବଂ ସୁମୀ ଘର ବାହାରେ ଖେଳୁଥିଲେ। ଏହି ସମୟରେ ନିକଟରେ ରହିଥିବା ପାଣି ଭର୍ତ୍ତି ଗର୍ତ୍ତରେ ଦୁଇ ଶିଶୁକନ୍ୟା ଖସି ପଡ଼ିଥିଲେ। ସ୍ଥାନୀୟ କେତେଜଣ ବ୍ୟକ୍ତି ଏହା ଦେଖି ଉଭୟଙ୍କୁ ଉଦ୍ଧାରକରି ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପାଣି ଗଚ୍ଛିତ ରଖି ରାସ୍ତାକାମରେ ବ୍ୟବହାର ପାଇଁ ଠିକାଦାର ଏହି ଗର୍ତ୍ତ ଖୋଳାଇଥିଲେ। କାମ ସରିବ ପରେ ତାହାକୁ ବନ୍ଦ କରା ନ ଯାଇ ବେପରୁଆ ଭାବେ ମୁକୁଳା ଛାଡ଼ି ଦେଇଥିବାରୁ ୨ ଶିଶୁଙ୍କ ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ଏ ନେଇ ଥାନାରେ ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ତେବେ ଠିକାଦାରଙ୍କ ଅବହେଳା ପାଇଁ ଏଭଳି ଘଟଣା ଘଟିଥିବାବେଳେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲା

# ପାଇଖାନା ଟାଙ୍କିରୁ ମିଳିଲା କାଗଜଖଣ୍ଡ

- **ହାତଲେଖାରେ ଥିଲା ହତ୍ୟା ଉଦ୍ଦେଶ୍ୟ**
- **ପରୀକ୍ଷା ପାଇଁ ଗଲା ଭିସେରା**
- **ଘଟଣାସ୍ଥଳରୁ ମିଳିଲା ଫୁଟନ୍ତା ଗୁଳି**

**କଟକ ଅଫିସ/ଝାରସୁଗୁଡ଼ା ଅଫିସ୍,୨।୨**

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କୁ ଗୁରୁବାର ରିମାଣ୍ଡର ୨ୟ ଦିନରେ କ୍ରାଇମବ୍ରାଞ୍ଚ ମାରାଥନ ଜେରା କରିଛି। ସଂରକ୍ଷିତ ଥିବା ଭିସେରାକୁ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଷ୍ଟେଟ ଫୋରେନ୍‌ସିକ ସାଇନ୍ସ ଲାବୋରାଟୋରିକୁ ପଠାଯାଇ ରିପୋର୍ଟକୁ ଅପେକ୍ଷା କରାଯାଇଛି। ସେହିପରି ମନ୍ତ୍ରୀଙ୍କ ଗାଡ଼ି ଓ ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଅଫିସର ଓ ବାଲିଷ୍ଟିକ ବିଶେଷଜ୍ଞଙ୍କ ଦ୍ୱାରା ଫାରୋ ୩-ଡି ସ୍କାନରରେ ଯାଞ୍ଚ କରିବା ପରେ ଗୋଟିଏ ଫୁଟନ୍ତା ଗୁଳି ଉଦ୍ଧାର ହୋଇଛି, ଯାହାକି ମନ୍ତ୍ରୀଙ୍କ ହତ୍ୟାର ଏକ ମୂଲ୍ୟବାନ୍ ପ୍ରମାଣ ଭାବେ ପରିଗଣିତ ହେଉଛି।

ଅପରପକ୍ଷରେ, ମନ୍ତ୍ରୀଙ୍କୁ ହତ୍ୟା କରିବା ପଛର ରହସ୍ୟ ଏବେବି ଜଣାପଡ଼ି ନାହିଁ। ଅଭିଯୁକ୍ତ ଗୋପାଳଙ୍କୁ ଜେରାବେଳେ ମିଳିଥିବା ସୁରାକରୁ କ୍ରାଇମବ୍ରାଞ୍ଚ ପ୍ରମାଣ ହାତେଇବାରେ ଲାଗିଛି। ମନ୍ତ୍ରୀ ନବ ଦାସଙ୍କୁ ଗୁଳି କରି ହତ୍ୟା କରିବା ଭଳି ଅପରାଧ ଘଟାଇବା ପଛରେ ଅଭିଯୁକ୍ତ ଗୋପାଳ ନିଜର ଉଦ୍ଦେଶ୍ୟକୁ ଏକ କାଗଜରେ ନାଲି ରଙ୍ଗରେ କିଛି ଲେଖିଥିଲେ। ଉକ୍ତ ହାତଲେଖା କାଗଜକୁ ସେ ଝାରସୁଗୁଡ଼ା ଏୟାରପୋର୍ଟ ଥାନାର ଟଏଲେଟରେ ଫିଙ୍ଗିଦେଇଥିବା ଜେରା ବେଳେ କହିଥିଲେ। ତେବେ ହାତଲେଖାରେ ଥିବା ହତ୍ୟା ଉଦ୍ଦେଶ୍ୟକୁ ଉନ୍ମୋଚନ କରିବା ପାଇଁ କ୍ରାଇମବ୍ରାଞ୍ଚର ଏକ ଦଳ ଲାଗି ପଡ଼ିଛନ୍ତି। ଅଭିଯୁକ୍ତ ଗୋପାଳ କହିଥିବା ଏହି ତଥ୍ୟର ସତ୍ୟତାକୁ ଯାଞ୍ଚ କରିବା ପାଇଁ ସମ୍ପୃକ୍ତ ପାଇଖାନାର ସେପ୍‌ଟିକ୍ ଟାଙ୍କିରେ ହାତଲେଖା କାଗଜକୁ ତଦନ୍ତକାରୀ ଦଳ ଖୋଜିଥିଲେ। ଖୋଜିବା ପରେ ଅଭିଯୁକ୍ତ ବର୍ଣ୍ଣନା କରିଥିବା ଭଳି କେତେକ ହାତଲେଖା କାଗଜ ଖଣ୍ଡ ପାଇଖାନା ଟାଙ୍କିରୁ ଉଦ୍ଧାର କରାଯାଇଛି। କାଗଜ ଖଣ୍ଡଗୁଡ଼ିକୁ ଏକାଠି କରି ପରୀକ୍ଷା କରିବା ନିମନ୍ତେ ଫୋରେନ୍‌ସିକ୍ ଓ ହାତଲେଖା ବିଶେଷଜ୍ଞଙ୍କ ନିକଟକୁ ପଠାଯିବ ବୋଲି ଜଣାଯାଇଛି। ଉକ୍ତ ହାତଲେଖା ଅଭିଯୁକ୍ତ ଏଏସ୍‌ଆଇ ଗୋପାଳଙ୍କ କି ନୁହେଁ ତାହା ପରୀକ୍ଷାନିରୀକ୍ଷା ପରେ ସ୍ପଷ୍ଟ ହୋଇପାରିବ। ଅନ୍ୟପକ୍ଷେ ପାଇଖାନା ସେପ୍ଟିକ୍ ଟାଙ୍କିରୁ କାଗଜ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଝାରସୁଗୁଡା ପୌର ପରିଷଦର ଜଣେ ସଫେଇ କର୍ମଚାରୀ ଗତ ରାତିରୁ ସେପ୍ଟିଟାଙ୍କି ଯାଞ୍ଚ ଚାଲିଥିଲେ ମଧ୍ୟ ଏଥିରୁ କୌଣସି କାଗଜ ମିଳି ନାହିଁ ବୋଲି କହିଛନ୍ତି। ☞ପୃଷ୍ଠା-୨

# ବିଶ୍ୱବିଦ୍ୟାଳୟ ହେଲା ବିକ୍ରମଦେବ କଲେଜ

## ଆଜି ପ୍ଲାଟିନମ୍ ଜୁବିଲି | ଯୋଗଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨।୨(ବ୍ୟୁରୋ)**




ଦକ୍ଷିଣ ଓଡ଼ିଶାର ସର୍ବପୁରାତନ ଉଚ୍ଚଶିକ୍ଷାନୁଷ୍ଠାନ କୋରାପୁଟ ଜିଲାର ଜୟପୁରଠାରେ ଥିବା ବିକ୍ରମ ଦେବ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏନେଇ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅବିଭକ୍ତ କୋରାପୁଟ ଜିଲାର ବୁଦ୍ଧିଜୀବୀ ତଥା ଛାତ୍ରୀଛାତ୍ରଙ୍କ ବହୁ ଦିନର ଦାବି ଆଜି ପୂରଣ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଖୁସିବ୍ୟକ୍ତ କରିଛନ୍ତି। ଶୁକ୍ରବାର ଏହି ମହାବିଦ୍ୟାଳୟ ତା'ର ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ। ତେବେ ଗୁରୁବାର ଏହି ଘୋଷଣା ଦକ୍ଷିଣ ଓଡ଼ିଶା ବିଶେଷକରି ଅବିଭକ୍ତ କୋରାପୁଟ ଜିଲାର ଛାତ୍ରୀଛାତ୍ରଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କର ନୂଆ ଭେଟି ବୋଲି କୁହାଯାଉଛି। ଏଥିସହ ପ୍ଲାଟିନମ୍ ଜୁବିଲି ଉତ୍ସବରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

୧୯୪୭ ମସିହାରେ ସ୍ଥାପିତ ବିକ୍ରମ ଦେବ ମହାବିଦ୍ୟାଳୟ ଅବିଭକ୍ତ କୋରାପୁଟ ଜିଲାର ଉଚ୍ଚଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସିଛି। ଏଠାରେ ଏବେ ୧୬ଟି ପୋଷ୍ଟ ଗ୍ରାଜୁଏଟ୍ ପ୍ରୋଗ୍ରାମ, ୧୭ଟି ଅଣ୍ଡର ଗ୍ରାଜୁଏଟ ପ୍ରୋଗ୍ରାମ ସହିତ ବିବିଏ, ବିସିଏ ଓ ବିଏଡ୍ ପାଠ୍ୟକ୍ରମ ଜାରି ରହିଛି। ବର୍ତ୍ତମାନ ୪ହଜାର ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି। ଅବିଭକ୍ତ କୋରାପୁଟ ଜିଲାର ସମସ୍ତ କଲେଜ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହୋଇଛି। ବର୍ତ୍ତମାନ ଏହି ନୂଆ ବିଶ୍ୱବିଦ୍ୟାଳୟ ହେବାଦ୍ୱାରା ଏ ସମସ୍ତ କଲେଜ ଏହା ଅଧୀନରେ ରହିବ ଓ କୋରାପୁଟ, ରାୟଗଡ଼ା ନବରଙ୍ଗପୁର ଏବଂ ମାଲକାନଗିରି ଆଦି ଜିଲାର ହଜାର ହଜାର ଛାତ୍ରୀଛାତ୍ର ଉପକୃତ ହେବେ। ଦକ୍ଷିଣ ଓଡ଼ିଶାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହା ଏକ ମାଇଲଷ୍ଟୋନ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

ତେବେ ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଶିକ୍ଷାବିତ୍‌ଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର ଓ ଅଭିଭାବକ ସମସ୍ତେ ଖୁସି ଜାହିର କରିଛନ୍ତି। ବିଶେଷକରି ଦକ୍ଷିଣ ଓଡ଼ିଶାର ଛାତ୍ରୀଛାତ୍ରମାନେ ଖୁବ୍ ଉତ୍ସାହିତ ହୋଇଛନ୍ତି। ଏହି ପଦକ୍ଷେପ ନିଶ୍ଚିତ ଭାବେ ଛାତ୍ରୀଛାତ୍ରଙ୍କ ପ୍ରତି ଶିକ୍ଷା କ୍ଷେତ୍ରରେ ଏକ ନୂତନ ☞ପୃଷ୍ଠା-୨

# ଅର୍ଚ୍ଚନାଙ୍କ ବିରୋଧରେ ୨୪ଶହ ପୃଷ୍ଠାର ଚାର୍ଜଶିଟ୍

**ଭୁବନେଶ୍ୱର,୨।୨(ବ୍ୟୁରୋ)**

## ବ୍ଲାକ୍‌ମେଲ୍ ମାମଲା



- **ଖଗେଶ୍ୱରଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିପାରିଲାନି ପୋଲିସ**
- **ପୂର୍ବରୁ ନୟାପଲ୍ଲୀ ଥାନା ପୋଲିସ ଦାଖଲ କରିଥିଲା ଚାର୍ଜଶିଟ୍**

ବଡ଼ବଡ଼ିଆଙ୍କୁ ହନିଟ୍ରାପ୍‌ରେ ଫସାଇ ଟଙ୍କା ହଡ଼ପ ଅଭିଯୋଗରେ ବହୁଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ବେହେରା ଦୀର୍ଘଦିନ ହେବ ଝାରପଡ଼ା ଜେଲରେ ଦିନ କାଟୁଛନ୍ତି। ବର୍ତ୍ତମାନ ଘଟଣାର ବେଆଇନ ଅର୍ଥ କାରବାର ଦିଗକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଜାରି ରଖିଛି। ଏପଟେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୪୯୬/୨୦୨୨)ରେ ଗୁରୁବାର ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ବିରୋଧରେ ପୋଲିସ କୋର୍ଟରେ ପ୍ରାୟ ୨୪ଶହ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ଘଟଣାସ୍ଥଳର ପ୍ରମାଣ, ଏକାଧିକ ସାକ୍ଷୀଙ୍କ ବୟାନ, ଫୋରେନ୍‌ସିକ୍ ପ୍ରମାଣ, ସିଡିଆର୍ (କଲ୍ ଡିଟେଲ୍ସ ରିପୋର୍ଟ) ଆନାଲିସିସ୍, ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ତଥ୍ୟାବଳୀ, ହ୍ୱାଟ୍‌ସଆପ୍ ଚାଟ୍ ଆଦି ପ୍ରମାଣ ରହିଛି। ତେବେ ଏଫ୍‌ଆଇଆର୍‌ରେ ୧୬ଟି ଦଫା ଲଗାଯାଇଥିବାବେଳେ ଏଥିରୁ ଆଇପିସି ଦଫା ୪୧୯ ଓ ୪୬୫ ସଂକ୍ରାନ୍ତରେ ପ୍ରମାଣ ମିଳି ନ ଥିବାରୁ ଏହି ଦୁଇଟି ଦଫାକୁ ପୋଲିସ ଚାର୍ଜଶିଟ୍‌ରେ କାଟି ଦେଇଛି। ହେଲେ ଅଧିକ ପ୍ରମାଣ ଯୋଗାଡ଼ ପାଇଁ ତଦନ୍ତକୁ ଖୋଲା ରଖାଯାଇଥିବା ଖଣ୍ଡଗିରି ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି। ଅନ୍ୟପକ୍ଷରେ ମାମଲାର ପ୍ରଥମ ପର୍ଯ୍ୟାୟରେ ଖଗେଶ୍ୱର ଅଭିଯୁକ୍ତ ଥିଲେ ମଧ୍ୟ ପୋଲିସ କୌଣସି ପ୍ରମାଣ ନ ପାଇବାରୁ ତାଙ୍କ ନାମରେ ଚାର୍ଜଶିଟ୍ ଦାଖଲ କରିନାହିଁ। ଖଗେଶ୍ୱରଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ ନ କରିପାରିବା ପୋଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠିଛି। ସେପଟେ ଇଡି ଖଗେଶ୍ୱରଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ପାଇ ନ ଥିବାରୁ ସେ ଖୁବଶୀଘ୍ର ଜେଲରୁ ☞ପୃଷ୍ଠା-୨

# ଇଞ୍ଜିନ ଛାଡ଼ି ଧାଇଁଲା ୫ ବଗି

## ବିହାରରୁ ଦିଲ୍ଲୀ ଯାଉଥିଲା ସତ୍ୟାଗ୍ରହ ଏକ୍ସପ୍ରେସ୍

**ପାଟନା, ୨।୨**

ବିହାରର ବେତିହାରେ ଥିବା ମଝଉଲିଆ ରେଳଷ୍ଟେଶନରେ ଗୁରୁବାର ସତ୍ୟାଗ୍ରହ ଏକ୍ସପ୍ରେସ୍ ଟ୍ରେନ୍‌ର ୫ଟି ବଗି ଇଞ୍ଜିନ୍‌ରୁ ଅଲଗା ହୋଇଯାଇଥିଲା। ସକାଳ ୧୦ଟା ସମୟରେ ଏହି ଘଟଣା ଘଟିଥିବାବେଳେ ଉକ୍ତ ୫ ବଗିକୁ ଛାଡ଼ି ଇଞ୍ଜିନ୍ ବହୁ କିଲୋମିଟର ଆଗକୁ ଚାଲିଯାଇଥିଲା। ଘଟଣା ନେଇ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ସୂଚନା ପାଇ ପୂର୍ବ-କେନ୍ଦ୍ରୀୟ ରେଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଲଗା ହୋଇଯାଇଥିବା ବଗିକୁ ପୁଣିଥରେ ଇଞ୍ଜିନ ସହ ସଂଯୋଗ କରିଥିଲେ। ଟ୍ରେନ୍‌ଟି ବିହାରର ରାକ୍ସାଉଲ ଜିଲାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିଲା। ତେବେ ଘଟଣାରେ କୌଣସି ଯାତ୍ରୀ ଆହତ ହୋଇ ନାହାନ୍ତି। ରେଳ ବିଭାଗ ପକ୍ଷରୁ ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ଇଞ୍ଜିନ ସହିତ ବଗିକୁ ସଂଯୋଗ କରୁଥିବା କପଲିଙ୍ଗରେ ତ୍ରୁଟି କାରଣରୁ ବଗି ଅଲଗାହୋଇଯାଇଥିବା କୁହାଯାଉଛି। ସମାନ ଘଟଣା ଗତ ଡିସେମ୍ବରରେ ବିହାରର ଟଙ୍କୁପ୍ପା ରେଳ ଷ୍ଟେଶନ୍‌ରେ ଘଟିଥିଲା। ଏକ ମାଲ୍ ବୋଝେଇ ଟ୍ରେନ୍‌ର ୩ଟି ବଗିକୁ ଛାଡ଼ି ଅନ୍ୟ ବଗି ସହ ଇଞ୍ଜିନ ଚାଲିଯାଇଥିଲା।



ସତ୍ୟାଗ୍ରହ ଏକ୍ସପ୍ରେସ

**ଆଜିର ମନ୍ତବ୍ୟ**

“ଦିଲ୍ଲୀର ଅବକାରୀ ଦୁର୍ନୀତି ମାମଲା ଭିତ୍ତିହୀନ। ଏଏପି ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ କେନ୍ଦ୍ରର ଷଡ଼ଯନ୍ତ୍ର କ୍ରମେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି।

–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଅଲାଜୁକ ଚଲଣା ଚୋର,**
**ଅଣ୍ଟି ନ ପୂରିଲେ ଆହୁରି ଡୋଳ।**

ସାଧାରଣତଃ ଚୋରି ଭଳି ହୀନ ବୃତ୍ତି ଆପଣେଇ ନେଉଥିବା ବ୍ୟକ୍ତିଙ୍କର କୌଣସି ଲାଜସରମ ନ ଥାଏ। ଏପରି ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ଉତ୍ସାହିତ ହୋଇ ଅଧିକରୁ ଅଧିକ ହାତେଇ ନେବାକୁ କେବେ ପଛାଇ ନ ଥାନ୍ତି। ପରୋକ୍ଷରେ ଯେଉଁମାନେ ଅଲାଜୁକ ବେହିଆ ସେମାନେ ଯେତେ ଫାଇଦା ପାଇଲେ ସୁଦ୍ଧା ଆହୁରି ପାଇବା ପାଇଁ ବ୍ୟାକୁଳ ହୋଇ ଉଠୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଣ୍ଟାରେ ନାହିଁ ଧନ,**
**ପୁଅ ବାହାକରି ମନ।**

ସାଧାରଣତଃ ବାହାଘର କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡିଥାଏ। ଏପରିସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ପାଖରେ ଅର୍ଥ ନ ଥାଇ ବଡ଼ ବଡ଼ ଖର୍ଚ୍ଚାନ୍ତ କାମରେ ହାତଦେବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମାଲବାହୀ ଟ୍ରେନ୍‌ର ୧୧ ବଗି ଲାଇନଚ୍ୟୁତ

**ବିଶାଖାପାଟଣା- କିରାଣ୍ଡୁଲ ଯାତ୍ରୀବାହୀ ଟ୍ରେନ୍ ବାତିଲ**

**କୋରାପୁଟ, ୨।୨(ସ୍ୱ.ପ୍ର.)**

ଆନ୍ଧ୍ରର ଶିବଲିଙ୍ଗପୁରଠାରେ ଗୁରୁବାର ଭୋରରୁ ଏକ ମାଲବାହୀ ଟ୍ରେନ୍‌ର ୧୧ ବଗି ଲାଇନଚ୍ୟୁତ ହୋଇଛି। ଏଥିଯୋଗୁ ବିଶାଖାପାଟଣା–କିରାଣ୍ଡୁଲ ଯାତ୍ରୀବାହୀ ଟ୍ରେନ୍‌କୁ ବାତିଲ କରାଯାଇଥିବା ବିଶାଖାପାଟଣା ଡିଆର୍‌ଏମ୍ ଅନୁପ ଶତପଥୀ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ ଛତିଶଗଡ଼ କିରାଣ୍ଡୁଲରୁ ବିଶାଖାପାଟଣା ଲୁହାପଥର ନେଇଯାଉଥିବା ଏକ ମାଲବାହୀ ଟ୍ରେନ୍‌ର ୧୧ବଗି ଆନ୍ଧ୍ରର କୋଟ୍‌ଭାଲ୍‌ସା–ଆରକୁ ମଧ୍ୟରେ ଥିବା ଶିବଲିଙ୍ଗପୁରମ୍ ନିକଟରେ ଲାଇନଚ୍ୟୁତ ହୋଇଥିଲା। ଖବରପାଇ ବିଶାଖାପାଟଣା ରେଳୱେ ଡିଭିଜନ ପକ୍ଷରୁ ଏକ ସ୍ୱତନ୍ତ୍ର ମରାମତି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଏଥିସହ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଚାଲିଛି। ବିଶାଖାପାଟଣା–ଜଗଦଲପୁର ଯାତ୍ରୀବାହୀ ଟ୍ରେନ୍‌କୁ ଗୁରୁବାର ପାଇଁ ବାତିଲ କରାଯାଇଛି।

ପ୍ରକାଶ ଯେ ୧୬ ଦିନ ମଧ୍ୟରେ ଶିବଲିଙ୍ଗପୁରଠାରେ ୨ ଥର ଏପରି ଦୁର୍ଘଟଣା ଘଟିଲାଣି। ଜାନୁୟାରୀ ୧୭ ରେ ଶିବଲିଙ୍ଗପୁରଠାରେ ବିଶାଖାପାଟଣାରୁ କିରାଣ୍ଡୁଲ ଆସୁଥିବା ଯାତ୍ରୀବାହୀ ଟ୍ରେନ୍‌ର ୬ ନମ୍ବର ବଗି ଲାଇନଚ୍ୟୁତ ହୋଇଥିଲା।


ଦୁର୍ଘଟଣାଗ୍ରସ୍ତ ଟ୍ରେନ୍।

# କଣ୍ଟାବାଞ୍ଜି ବିଧାୟକଙ୍କ ପୁଅ ସହ ୬ ଜେଲଗଲେ

**ବଲାଙ୍ଗୀର ଅଫିସ/ବେଲପଡ଼ା, ୨।୨ (ଡି.ଏନ୍.ଏ.)**

କଣ୍ଟାବାଞ୍ଜି–ବେଲପଡ଼ା ରାସ୍ତାରେ ଥିବା ଆଲିସାନ ସିନେମା ହଲ୍‌ରେ ବୁଧବାର ରାତିରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ବେଲପଡା ଥାନା ପୋଲିସ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ପୁଅ ଅମିତ୍ ଓରଫ୍ ସେଜି ସିଂ ସାଲୁଜା (୩୨)ଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିଲା। ଗୁରୁବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ପାଟଣାଗଡ ଉପକାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସେଜି ସିଂ ସାଲୁଜା, ଅଜୟ ଅଗ୍ରୱାଲ (୪୦), ବିକାଶ ଅଗ୍ରୱାଲ (୩୭), ବିପୁଲ ମାରୁ (୩୯), ଧରମବୀର ଗୁପ୍ତା (୩୧) ଓ ରାଜା ପାତ୍ର। ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଆଲିସାନ୍ ସିନେମା ହଲ୍‌ରେ ବୁଧବାର ରାତିରେ ସେଜି ସିଂଙ୍କ ସହ ୧୦/୧୨ ଜଣ ଯୁବକ ପହଞ୍ଚି ଥିଲେ। ହଲ୍ ମାଲିକଙ୍କୁ ବନ୍ଧୁକ ଦେଖାଇ ଧମକ ଚମକ ଦେଇଥିଲେ। ଖବର ପାଇ ସେଠାରେ ପହଞ୍ଚି ଥିବା ପୋଲିସକୁ ସେମାନେ ଦୁର୍ବ୍ୟବହାର କରି ଫେରାର ହୋଇ ଯାଇଥିଲେ। ପରେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ସେଜି ସିଂଙ୍କ ଫିଟ୍‌ନେସ ସେଣ୍ଟର ମ୍ୟାନେଜର ରାଜା ପାତ୍ରଙ୍କଠାରୁ ୧୯ ଲକ୍ଷ ଟଙ୍କା ଓ ୧୭ ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ କରାଯାଇଥିବା ଏସ୍‌ଡିପିଓ ଭୁକ୍ତା ସୂଚନା ଦେଇଛନ୍ତି। କୋର୍ଟଚାଲାଣ ସମୟରେ ଅଭିଯୁକ୍ତ ସେଜି ସିଂ ଗଣମାଧ୍ୟମକୁ କହିଥିଲେ ତାଙ୍କର ଆଗକୁ ଭବିଷ୍ୟତ ରହିଛି। ତାଙ୍କ ନାଁକୁ ଖରାପ କରିବା ଉଦ୍ଦେଶ୍ୟରେ ଚକ୍ରାନ୍ତ କରାଯାଇ ଫସାଯାଇଛି।


କୋରାପୁଟ ଜିଲା ଜୟପୁରସ୍ଥିତ ବିକ୍ରମ ଦେବ କଲେଜକୁ ଗୁରୁବାର ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବା ପରେ ଛାତ୍ରୀଛାତ୍ରମାନେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସହ ଖୁସି ମନାଉଛନ୍ତି ।

# ‘ମୁକ୍ତା’ ଯୋଜନାକୁ ପୁରସ୍କାର

**ଭୁବନେଶ୍ୱର,୨।୨(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ‘ମୁକ୍ତା’ ଯୋଜନା ଅନ୍ତର୍ଜାତୀୟ ଡବ୍ଲ୍ୟୁଆର୍‌ଆଇ ରୋସ୍ ସେଣ୍ଟର ପୁରସ୍କାର ହାସଲ କରିଛି। ବୁଧବାର ନ୍ୟୁୟର୍କରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ୍ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏକ ଅନ୍ତର୍ଜାତୀୟ ଜୁରି ଦଳ ଏହି ପୁରସ୍କାର ପ୍ରତିଯୋଗିତାରେ ୬୫ ଦେଶର ୧୫୫ ସହରରୁ ଆସିଥିବା ୨୬୦ଟି ଆବେଦନ ମଧ୍ୟରୁ ମୁକ୍ତାକୁ ବିଜେତା ଭାବରେ ଚୟନ କରିଛନ୍ତି।

ସଙ୍କଟ ସମୟରେ ସହରାଞ୍ଚଳର ଗରିବ, ଅନୌପଚାରିକ ତଥା ପ୍ରବାସୀ ଶ୍ରମିକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରି ମୁକ୍ତା ଏହି ପୁରସ୍କାର ହାସଲ କରିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୧୪ ସହରରେ ୭ ଲକ୍ଷ ଗରିବ ଏବଂ ପ୍ରବାସୀ ଶ୍ରମିକ ୨୦୮ କୋଟି ଟଙ୍କା ମୂଲ୍ୟର ୨୨,୫୦୦ ପକ୍କା ସଡ଼କ, ଡ୍ରେନ୍, ବର୍ଷା ଜଳ ଅମଳ, କମ୍ୟୁନିଟି ସେଣ୍ଟର, ବୃକ୍ଷରୋପଣ, ଜଳାଶୟ ପୁନରୁଦ୍ଧାର ଏବଂ ସର୍ବସାଧାରଣ ସ୍ଥାନ ଆଦିର ବିକାଶ ଭଳି ଗୋଷ୍ଠୀସ୍ତରୀୟ ବିକାଶ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହା ବ୍ୟତୀତ ୫୩୬୮ ମିଶନ ଶକ୍ତି ଗୋଷ୍ଠୀ ଏବଂ ୪୩୮ ବସ୍ତି ବାସିନ୍ଦା ସଙ୍ଗଠନ ମଧ୍ୟ ଓଡ଼ିଶା ସରକାରଙ୍କ ଏହି ଯୋଜନା ଅଧୀନରେ କାର୍ଯ୍ୟକାରୀ ସହଭାଗୀ ଭାବରେ ନିୟୋଜିତ ହୋଇଛନ୍ତି। ଠିକାଦାରମାନଙ୍କୁ ନିୟୋଜିତ କରିବା ପରିବର୍ତ୍ତେ ମିଶନ ଶକ୍ତି ଗ୍ରୁପ୍ ଏବଂ ବସ୍ତି ବାସିନ୍ଦାଙ୍କୁ କାର୍ଯ୍ୟ ଦାୟିତ୍ୱ ଦେବା ପାଇଁ ଓଡ଼ିଶା ସରକାରଙ୍କ ପଦକ୍ଷେପ ସ୍ୱରୂପ ମୁକ୍ତା ଯୋଜନାକୁ ପ୍ରଶଂସା କରାଯାଇଛି। କେନ୍ଦ୍ର ସରକାର ମଧ୍ୟ ଓଡ଼ିଶା ସରକାରଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଓଡ଼ିଶାର ମୁକ୍ତା ମଡେଲକୁ ଅନ୍ୟ ରାଜ୍ୟମାନଙ୍କରେ କାର୍ଯ୍ୟକାରୀ ଲାଗି ସୁପାରିସ କରିଛନ୍ତି। ଏଥିରୁ ଶିକ୍ଷାଲାଭ କରି ଝାଡ଼ଖଣ୍ଡ, ହିମାଚଳ ପ୍ରଦେଶ, ରାଜସ୍ଥାନ ଏବଂ ତାମିଲନାଡୁ ସହରାଞ୍ଚଳରେ ଥିବା ଗରିବ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ମୁକ୍ତା ଢାଞ୍ଚାରେ ମଜୁରି ନିଯୁକ୍ତି ଯୋଜନା ଘୋଷଣା କରିଛନ୍ତି।

# ହାତୀଛୁଆର ଗଳିତ ମୃତଦେହ ଠାବ

**ତେଲକୋଇ, ୨।୨(ଡି.ଏନ୍.ଏ)**


ହାତୀଛୁଆର ମୃତଦେହ

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଅଧୀନ କଳାପାଟ ସଂରକ୍ଷିତ ଜଙ୍ଗଲରୁ ଏକ ହାତୀଛୁଆର ଗଳିତ ମୃତଦେହ ଠାବ ହୋଇଛି। ହାତୀ ଛୁଆର ବୟସ ୧ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ହନୁମନ୍ତ ଓ ତେଲକୋଇ ରେଞ୍ଜର ସଞ୍ଜୀବ ମୋହନ ରାୟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ସୂଚନା ଅନୁଯାୟୀ, ପଡ଼ାଙ୍ଗ ପଞ୍ଚାୟତ ଅଧୀନ ଉକ୍ତ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଓଡ଼ଣା ଗ୍ରାମ ନିକଟରେ ହାତୀଛୁଆର ଗଳିତ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର ଓ ଡିଏଫ୍‌ଓ ଡାକ୍ତରୀ ଟିମ୍ ସହ ପହଞ୍ଚି ବ୍ୟବଚ୍ଛେଦ କରାଇଥିଲେ। ରେଞ୍ଜର ରାୟ କହିଛନ୍ତି, ଜଙ୍ଗଲରେ ଏକ ମାସରୁ ଊର୍ଦ୍ଧ୍ୱ ହେବ ୩୫ ଟିକିଆ ହାତୀପଲ ବୁଲୁଛନ୍ତି। ସେଥିରେ ଦୁଇଟି ଦନ୍ତା ରହିଛନ୍ତି। ଉକ୍ତ ଦନ୍ତା ଆକ୍ରମଣରେ ଛୁଆ ହାତୀର ମୃତ୍ୟୁ ହୋଇଥାଇପାରେ। ଅଞ୍ଚଳରେ ହାତୀପଲ ରହିଥିବାରୁ ବନ କର୍ମଚାରୀମାନେ ଜଗି ରହିଛନ୍ତି।

# ନାଲ୍‌କୋ ସିପିପିର ୩ ୟୁନିଟ୍ ଅଚଳ

## ୩୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହ୍ରାସ

**ବଣ୍ଟାଁରପାଳ, ୨।୨ (ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋରେ ଜଳ ସଙ୍କଟ ଦେଖା ଦେଇଛି। ବ୍ରାହ୍ମଣୀରୁ ଆବଶ୍ୟକତା ଅନୁଯାୟୀ କାରଖାନାକୁ ପାଣି ଆସିପାରୁ ନ ଥିବାରୁ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ (ସିପିପି)ର ୩ଟି ୟୁନିଟ୍ ଅଚଳ ହୋଇପଡ଼ିଛି। ଫଳରେ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି।


ଅନୁଗୋଳ ଜିଲାରେ ଥିବା ନାଲ୍‌କୋ କାରଖାନା।

ପ୍ରକାଶ ଯେ, ନାଲ୍‌କୋ ସିପିପିରେ ୧୦ଟି ୟୁନିଟ୍‌ରୁ ଦୈନିକ ୧୨ଶହ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇଥାଏ। ଏଥିପାଇଁ ଦୈନିକ ୭୦ ହଜାର କ୍ୟୁସେକ ଜଳ ଆବଶ୍ୟକ ପଡ଼ିଥାଏ। ସେହିପରି ସ୍ମେଲଟର ପାଇଁ ୨୦ ହଜାର କ୍ୟୁସେକ ଓ ଟାଉନଶିପ୍‌ରେ ବ୍ୟବହାର ପାଇଁ ୧୦ ହଜାର କ୍ୟୁସେକ ପାଣି ନାଲ୍‌କୋ ଇନ୍‌ଟେକ ପମ୍ପ ହାଉସ ଦ୍ୱାରା ଆସିଥାଏ। କିନ୍ତୁ ଇନ୍‌ଟେକ୍ ପମ୍ପ ହାଉସ ଏବେ ବ୍ରାହ୍ମଣୀରୁ ଆବଶ୍ୟକ ପରିମାଣର ଜଳ କାରଖାନାକୁ ଯୋଗାଣ କରିପାରୁ ନାହିଁ। ସିପିପି ପାଇଁ ୭୦ ହଜାର ସ୍ଥାନରେ ୬୦ ହଜାର କ୍ୟୁସେକ ଜଳ ଆସୁଥିବାରୁ ପ୍ଲାଣ୍ଟର ଟର୍ବାଇନ ଚଳାଇବାରେ ଅସୁବିଧା ହେଉଛି। ଏଥିଯୋଗୁ ୧୦ଟି ୟୁନିଟ୍ ମଧ୍ୟରୁ ୩ଟି ଅଚଳ ରହିଛି। ଏହାଦ୍ୱାରା ଦୈନିକ ୩୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ବ୍ରାହ୍ମଣୀରୁ ଯୋଗାଣ ହେଉଥିବା ପାଣି ବାଟମାରଣା ହେଉଥିବାରୁ ନାଲ୍‌କୋରେ ଜଳ ସଂକଟ ସୃଷ୍ଟି ହୋଇଥିବା ବରିଷ୍ଠ ଶ୍ରମିକ ନେତା ଗନ୍ଧର୍ବ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡିଜିଏମ୍ ସୁନୀଲ ମହାପାତ୍ର କହିଛନ୍ତି, ସିପିପିରେ ବର୍ତ୍ତମାନ ଜଳ ସଂକଟ ଦେଖାଦେଇଛି। ତେଣୁ ୩ଟି ୟୁନିଟ୍ ଅଚଳ ହୋଇପଡିଛି।

# ମେ’ରୁ ପୁଣି ଉଡ଼ିବ ଆନ୍ତର୍ଜାତିକ ବିମାନ

**ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର**

- **ସିଙ୍ଗାପୁର, ଦୁବାଇ ଓ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ଚାଲିବ**
- **ସମସ୍ତ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର**

**ଭୁବନେଶ୍ୱର, ୨।୨(ବ୍ୟୁରୋ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆସନ୍ତା ମେ’ ମାସରୁ ପୁଣି ସିଧାସଳଖ ଆନ୍ତର୍ଜାତିକ ବିମାନ ଚଳାଚଳ କରିବ। ଏଥିପାଇଁ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇସାରିଛି। ସିଙ୍ଗାପୁର, ଦୁବାଇ ଓ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ଉଡ଼ାଣ କରିବ। ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତ, ଏମ୍‌ଓୟୁ ଅନୁସାରେ ଇଣ୍ଡିଗୋ ଦ୍ୱାରା ଭୁବନେଶ୍ୱରରୁ ସିଙ୍ଗାପୁର, ଦୁବାଇ ଓ ବ୍ୟାଙ୍କକକୁ ସିଧାସଳଖ ବିମାନ ଉଡ଼ାଣ କରାଯିବ। ଏଥିନିମନ୍ତେ ମାର୍ଚ୍ଚ ସୁଦ୍ଧା ପୁରୁଣା ଟର୍ମିନାଲ କୋଠାକୁ ନବୀକରଣ କରାଯାଉଛି। ତା’ପରେ ଆନ୍ତର୍ଜାତିକ ବିମାନ ଚଳାଚଳର ଟ୍ରାଏଲ ହେବ ଏବଂ ମେ’ରୁ ଚୂଡ଼ାନ୍ତ ବିମାନ ଚଳାଚଳ କରିବ। ଏମ୍‌ଓୟୁ ଅନୁସାରେ ଇଣ୍ଡିଗୋ ଦ୍ୱାରା ଭୁବନେଶ୍ୱରରୁ ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକକୁ ୧୮୬ସିଟ୍ ବିଶିଷ୍ଟ ଏୟାରକ୍ରାଫ୍ଟ ସିଧାସଳଖ ଚଳାଚଳ କରିବ। ଏ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଟିକେଟ୍ ବିକ୍ରି ମାଧ୍ୟମରେ ରାଜ୍ୟ ସରକାର ରାଜସ୍ୱ ସଂଗ୍ରହ କରିବେ। ଏହି ବିମାନ ଚଳାଚଳ ପାଇଁ ଗତ ଡିସେମ୍ବର ୨୮ରେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିଲା। ରାଜ୍ୟ ସରକାର ବିମାନସେବା ପ୍ରଦାନକାରୀ ସଂସ୍ଥାକୁ ପ୍ରସ୍ତାବ ମାଗିଥିଲେ। ଇଣ୍ଡିଗୋ ଏହି ସେବା ପ୍ରଦାନ କରିବ ବୋଲି ପ୍ରସ୍ତାବ ଦେବା ପରେ ଏମ୍‌ଓୟୁ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଏବେ ଭୁବନେଶ୍ୱର ବିମାନବନ୍ଦରରୁ କୌଣସି ଆନ୍ତର୍ଜାତିକ ବିମାନ ସିଧାସଳଖ ଚଳାଚଳ କରୁନାହିଁ। ୨୦୧୭ରେ ଏୟାର ଏସିଆ ଦ୍ୱାରା ଭୁବନେଶ୍ୱର–କ୍ୱାଲାଲମ୍‌ପୁରମ ଏବଂ ଭୁବନେଶ୍ୱର–ବ୍ୟାଙ୍କକ୍ ମଧ୍ୟରେ ବିମାନ ଚଳାଚଳ କରିବା ନିମନ୍ତେ ରାଜ୍ୟ ସରକାର ସବ୍‌ସିଡି ଦେଉଥିଲେ। ଭୁବନେଶ୍ୱର–ବ୍ୟାଙ୍କକ୍ ସିଧାସଳଖ ବିମାନ ଚଳାଚଳ ୨୦୧୯ରେ ବନ୍ଦ ହୋଇଯାଇଥିବାବେଳେ ଭୁବନେଶ୍ୱର–କ୍ୱାଲାଲମପୁରମ କୋଭିଡ୍ ପୂର୍ବରୁ ବନ୍ଦ ହୋଇଥିଲା। ବର୍ତ୍ତମାନ ଭୁବନେଶ୍ୱରରୁ କୌଣସି ବିମାନ ସିଧାସଳଖ ବିଦେଶକୁ ଯାତ୍ରା କରୁ ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ତର୍ଜାତୀୟ ଯାତ୍ରୀମାନେ ଏବେ ବି କୋଲକାତା ଏବଂ ଦିଲ୍ଲୀ ବିମାନବନ୍ଦର ଉପରେ ନିର୍ଭର କରୁଛନ୍ତି। ତେବେ ସିଙ୍ଗାପୁର, ଦୁବାଇ ଓ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ଆରମ୍ଭ ହେଲେ ବହୁ ଯାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି।

**ପ୍ରଥମ ପୃଷ୍ଠାରୁ...**

### ଜେପିସି ତଦନ୍ତ...

ବିରୋଧୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିବା ସହ ସେମାନେ ବିଶୃଙ୍ଖଳିତ ହୋଇଯାଇଥିବା କହିଥିଲେ। ଏହାକୁ ନେଇ ୯ ବିରୋଧୀ ଦଳର ସଦସ୍ୟମାନେ ଉଭୟ ଗୃହ ମଧ୍ୟଭାଗକୁ ଯାଇ ମୋଦି ସରକାର ଓ ଆଦାନୀ ଗ୍ରୁପ୍ ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସମ୍ପର୍କିତ ଆଲୋଚନା କରାଇଦେବାକୁ ବିରୋଧୀ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ଗୌତମ ଆଦାନୀଙ୍କ ବନ୍ଦରରୁ ଶକ୍ତି ବ୍ୟବସାୟ ସାମ୍ରାଜ୍ୟରେ ରାଷ୍ଟ୍ରାୟତ୍ତ ସଂସ୍ଥା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଏବଂ ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି) ବିପୁଳ ଅର୍ଥ ନିବେଶ କରିଥିବାରୁ ଦେଶର ଜମାକାରୀମାନଙ୍କୁ କ୍ଷତି ସହିବାକୁ ପଡ଼ିବ ବୋଲି କହି ନିଜ ଦାବିରେ ବିରୋଧୀ ଅଡ଼ିବସିଥିଲେ। ଶେଷରେ ଉଭୟ ଗୃହର ଅଧ୍ୟକ୍ଷ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ଏକ ମିଳିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ଏହାର ଜେପିସି କିମ୍ବା ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଚାହୁଁଛୁ। ତଦନ୍ତରେ ଯାହା ସବୁ ସାମ୍ନାକୁ ଆସିବ ତା’ର ଦୈନନ୍ଦିନ ରିପୋର୍ଟିଂ କରାଯାଉ। ଏହା ଉପରେ ବିତର୍କ ଦାବିରେ କଂଗ୍ରେସ ଏବଂ ଅନ୍ୟ ୮ ବିରୋଧୀ ଦଳ ରାଜ୍ୟ ସଭାରେ ନୋଟିସ ଦେଇଛୁ। କିନ୍ତୁ ଗୃହର ଅଧ୍ୟକ୍ଷ ଧନକର ଏହାକୁ ଗ୍ରହଣ କରିନାହାନ୍ତି। ସେହିପରି ଏଏପି ଏମ୍‌ପି ସଞ୍ଜୟ ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ଅନ୍ୟ ପୁଞ୍ଜିପତି ଓ ଶିଳ୍ପପତିମାନଙ୍କ ଭଳି ଆଦାନୀ ମଧ୍ୟ ବିଦେଶକୁ ପଳାୟନ କରିବା ଆଶଙ୍କା ଥିବରୁ ତାଙ୍କ ପାସପୋର୍ଟ ବାଜ୍ୟାପ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସଞ୍ଜୟ ଅନୁରୋଧ କରିଛନ୍ତି। ଇତିମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗୌତମ ଆଦାନୀଙ୍କୁ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଦିଆଯାଇଥିବା ଋଣର ହିସାବ ମାଗିଛନ୍ତି। ଅଦାନୀ ଗ୍ରୁପ୍ ଅଧୀନ ୧୦ ଲିଷ୍ଟେଡ୍ ଏଣ୍ଟିଟିକୁ କେଉଁ ବ୍ୟାଙ୍କ କେତେ ପରିମାଣର ଋଣ ପ୍ରଦାନ କରିଛନ୍ତି ତାହା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିବାକୁ ଆର୍‌ବିଆଇର ନିର୍ଦ୍ଦେଶ ରହିଛି।

### ପାଇଖାନା ଟାଙ୍କିରୁ...

ଏଥିସହ ଅଭିଯୁକ୍ତ ଗୋପାଳଙ୍କ ମେଡିକାଲ ଟ୍ରିଟ୍‌ମେଣ୍ଟ କାଗଜପତ୍ର ଓ ଅର୍ଥନୈତିକ କାରବାରକୁ ବ୍ରହ୍ମପୁରଠାରେ କ୍ରାଇମବ୍ରାଞ୍ଚ ଟିମ୍ ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ଯାଞ୍ଚ କରୁଛନ୍ତି। ଗୋପାଳଙ୍କ ବଡ଼ଭାଇଙ୍କୁ ବ୍ରହ୍ମପୁରଠାରେ ପଚରାଉଚରା କରାଯାଇଛି। କ୍ରାଇମବ୍ରାଞ୍ଚ ଟିମ୍ ମଧ୍ୟ ଗୋପାଳଙ୍କ ନିକଟ ସମ୍ପର୍କୀୟ, ଆତ୍ମୀୟସ୍ୱଜନଙ୍କୁ ପଚରାଉଚରା ଜାରି ରଖିଛି। ଏବେ ବି କ୍ରାଇମବ୍ରାଞ୍ଚର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ମଧ୍ୟ ଘଟଣାସ୍ଥଳ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବେ ତଦନ୍ତ ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଛନ୍ତି। କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟା ଚାଲୁ ରହିଥିବା ସୂଚନା ମିଳିଛି। ଆଗାମୀ ଦିନରେ ଅଧିକ ସୁରାକ ମିଳିବା ସହ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ରହସ୍ୟକୁ ଉନ୍ମୋଚନ କରିବା ନିମନ୍ତେ କ୍ରାଇମବ୍ରାଞ୍ଚ ଆଶା ରଖିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କୁ ଗୁଳିକରି ହତ୍ୟା କରିଥିବା ଅଭିଯୁକ୍ତ ଏଏସ୍‌ଆଇ ଗୋପାଳଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫକରି ଝାରସୁଗୁଡା ବିମାନ ବନ୍ଦର ଥାନାରେ ରଖିଥିଲା। ଏହି ସମୟରେ ଅଭିଯୁକ୍ତ ପାଇଖାନା ଯିବାବେଳେ ପାଖରେ ରଖିଥିବା କେତେକ କାଗଜକୁ ପାଇଖାନା ସେପ୍‌ଟିକ ଟାଙ୍କିରେ ପକାଇ ଦେଇଥିଲେ। ଏହାକୁ ନେଇ ଝାରସୁଗୁଡାର ବରିଷ୍ଠ ଆଇନଜୀବୀ ତ୍ରିନାଥ ଗୁଆଲ କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଜଣେ ହତ୍ୟାକାରୀ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କଲାପରେ ତାଙ୍କ ନିକଟରେ କ’ଣସବୁ ରହିଛି ସେସବୁର ଯାଞ୍ଚ କରିବା ନିୟମ ରହିଛି । ଏହା ନ କରି ତାଙ୍କୁ ବିମାନ ବନ୍ଦର ଥାନାରେ ରଖାଗଲା। ଫଳରେ ସେ ପାଇଖାନାକୁ ଯାଇ ପାଖରେ ରଖିଥିବା କାଗଜ ଲୁଚାଇବା ପାଇଁ ସକ୍ଷମ ହୋଇଥିଲେ । ଏହା କ୍ରାଇମବ୍ରାଞ୍ଚର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ହତ୍ୟା ଘଟଣାରେ ନିଜେ ପୋଲିସ ଅଭିଯୁକ୍ତ ହୋଇଥିବାବେଳେ ଏହାର ତଦନ୍ତଭାର ପୋଲିସ ହାତରେ ନ୍ୟସ୍ତ କରାଯାଇଛି। ତଦନ୍ତଭାର ସିବିଆଇକୁ ଦିଆଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ ବୋଲି ଆଇନଜୀବୀ ଗୁଆଲ କହିଛନ୍ତି।

### ବିଶ୍ୱବିଦ୍ୟାଳୟ ହେଲା...

ସୁଯୋଗ ଏବଂ ନୂତନ ସମ୍ଭାବନା ସୃଷ୍ଟି କରିବ। ଆଗାମୀ ଦିନରେ ରାଜ୍ୟରେ ଅବିଭକ୍ତ କୋରାପୁଟ ଜିଲା ସମେତ ଦକ୍ଷିଣ ଓଡ଼ିଶା ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ନିଶ୍ଚିତ ଉତ୍ସାହ ପ୍ରଦାନ କରିବ। ଏଥିସହିତ ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷା କ୍ଷେତ୍ରରେ ଏକ ଅଭୁତପୂର୍ବକ ମାଇଲ୍‌ଷ୍ଟୋନ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

### ଅର୍ଚ୍ଚନାଙ୍କ ବିରୋଧରେ...

ବାହାରିପାରନ୍ତି ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ଅଭିଯୋଗ ଆଧାରରେ ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କ ନାମରେ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲା (ନଂ.୬୪୬/୨୦୨୨)ରେ କମିଶନରେଟ ପୋଲିସ ଗତ ଡିସେମ୍ବର ୨୩ରୁ କୋର୍ଟରେ ୫୦୧ ପୃଷ୍ଠା ସମ୍ବଳିତ ଏକ ଚାର୍ଜଶିଟ୍ ଦାଖଲ କରିଛି। ଶ୍ରଦ୍ଧାଞ୍ଜଳିଙ୍କ ଜରିଆରେ ଅର୍ଚ୍ଚନା ବ୍ଲାକ୍‌ମେଲ କରିଧମକ ଦେବା ସହ ଟଙ୍କା ମାଗୁଥିବା ଅକ୍ଷୟ ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅର୍ଚ୍ଚନା ଓ ଶ୍ରଦ୍ଧାଞ୍ଜଳିଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱର ନିଶା ଦେଇ ନଗ୍ନ ଭିଡିଓ କରିବା ପରେ ବ୍ଲାକ୍‌ମେଲ୍ କରି ବଡ଼ବଡ଼ିଆଙ୍କୁ ହନିଟ୍ରାପରେ ଫଶାଇବାକୁ ବାଧ୍ୟ କରୁଥିଲେ ବୋଲି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଅକ୍ଟୋବର ୨ରେ ଅଭିଯୋଗ କରିଥିଲେ। ପୋଲିସ ଅକ୍ଟୋବର ୬ରେ ଅର୍ଚ୍ଚନା ଏବଂ ପରେ ଜଗବନ୍ଧୁଙ୍କୁ ଗିରଫ କରିଥିଲା। ସେହିପରି ବେଆଇନ ଅର୍ଥ କାରବାର ଅଭିଯୋଗରେ ଇଡି ନଭେମ୍ବର ୧୧ରେ ଖଗେଶ୍ୱରଙ୍କୁ ଗିରଫ କରିବା ସହ ଜେଲରେ ଥିବା ଅର୍ଚ୍ଚନାଙ୍କୁ ଡିସେମ୍ବର ୧୩ ଓ ଜଗବନ୍ଧୁଙ୍କୁ ଡିସେମ୍ବର ୨୩ରେ ରିମାଣ୍ଡରେ ଆଣି ଗିରଫ ଦର୍ଶାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବାରେ ସମର୍ଥ ହୋଇପାରନ୍ତି । ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ମଧ୍ୟ ଶିଥିଳତା ଦେଖାଦେବ। ପରୋକ୍ଷ ଶତ୍ରୁତାଜନିତ ନିଜ ଲୋକମାନେ ଦାଉ ସାଧିବାର ଅପଚେଷ୍ଟା କରିବେ।

**ବୃଷ**
ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ବନ୍ଧୁଙ୍କ ନିକଟରୁ ପାଇ ଖୁସି ହେବେ। ପୁରୁଣା ସମ୍ପର୍କ, ଜମିଜମା, ଗାଡି ମୋଟରରୁ ଲାଭବାନ୍ ହୋଇପାରନ୍ତି। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ନଚେତ୍ ଆକସ୍ମିକ ଭାବେ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ। କଳା, ସାହିତ୍ୟ, ସଂସ୍କୃତି ଓ ସଙ୍ଗୀତ ସାଧନା କ୍ଷେତ୍ରରେ ଅଗ୍ରଗତି କରିବେ।

**ମିଥୁନ**
ପରିସ୍ଥିତିର ବିଷମତାକୁ ଲକ୍ଷ୍ୟକରି ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ବ୍ୟବସାୟୀମାନେ ବ୍ୟବସାୟରେ କିଛି ନୂତନ ପଦେକ୍ଷପ ନେବା ସକାଶେ ଚିନ୍ତା କରିବେ। ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ବନ୍ଧୁ ଅସୁବିଧାରେ ପକାଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, କଳା, କାରିଗରି କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**କର୍କଟ**
ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ଦୀର୍ଘଦିନର ଆଶା ଫଳବତୀ ହୋଇପାରେ। ଅଫିସ କାମରେ ବ୍ୟସ୍ତ ଥିବା ସମୟରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ବ୍ୟବସାୟ,ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ପାରସ୍ପରିକ ଆଲୋଚନା କ୍ରମେ ପାରିବାରିକ ବିବାଦର ସମାଧାନ ହୋଇଯିବ।

**ସିଂହ**
ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ଆତ୍ମୀୟମାନେ ଆପଣଙ୍କ ପ୍ରଶଂସାରେ ଶତମୁଖ ହୋଇପାରନ୍ତି।ପରିଜନଙ୍କ ସହ ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବ। ପାରିବାରିକ କ୍ଷେତ୍ରରେ ଅର୍ଥ ସଂକଟ ଲାଗିରହିପାରେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ।

**କନ୍ୟା**
ଦୀର୍ଘଦିନରୁ ଲାଗିରହିଥିବା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ବିବାଦୀୟ ଘଟଣା, ଜମିଜମା କଳହ ତଥା ମାଲିମକଦ୍ଦମା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଉତ୍‌କ୍ଷିପ୍ତ ହୋଇପାରନ୍ତି।

**ତୁଳା**
କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ବିବ୍ରତ ହୋଇପାରନ୍ତି। ପାରିବାରିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସାହିତ୍ୟ, ଲେଖାପଢ଼ା, କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ। ପ୍ରିୟବନ୍ଧୁଙ୍କ ସହ ଆଳାପ ଆଲୋଚନାରୁ ଏକ ପ୍ରକାର ଖୁସି ରହିବେ।

**ବିଛା**
ଆଜି କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେବ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ବିଭିନ୍ନ କାରଣକୁ ନେଇ ମାନସିକ ଅବସାଦ ବୃଦ୍ଧି ପାଇବ। ମୂଳା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର କାରଣ ହୋଇପାରେ। ଅଫିସ୍‌ର କୌଣସି ସଂକଟଜନକ ସ୍ଥିତି ଅପରାହ୍ଣରେ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି ଓ ରାଜନୈତିକ କ୍ଷେତ୍ରରୁ ସୁଫଳ ପାଇବେ।

**ମକର**
ଚତୁର୍ଥସ୍ଥ ରାହୁଙ୍କ ଯୋଗୁ ପରିବାରରେ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟିହେବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଆତ୍ମୀୟମାନେ ସ୍ୱାର୍ଥସାଧନ ଲାଗି କିଛି ଅଘଟଣ ଘଟାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ରାଜନୈତିକ କ୍ଷେତ୍ର ସମସ୍ୟାବହୁଳ ରହିବ।

**କୁମ୍ଭ**
ବୃହସ୍ପତି ଓ ମଙ୍ଗଳଙ୍କ ଦୃଷ୍ଟିରୁ ଆଜିର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାରଉଧାର କରିବାକୁ ପଡିପାରେ। ସାମାଜିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ମୀନ**
ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ଯେକୌଣସି କାର୍ଯ୍ୟରେ ହେଉନା କାହିଁକି ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ଲେଖାପଢ଼ା, ଆଲୋଚନା, ମନୋରଞ୍ଜନରୁ ଖୁସି ରହିବେ। ପୂର୍ବରୁ ନେଇଥିବା ସିଦ୍ଧାନ୍ତ ବଦଳାଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ମାଘ ଶୁକ୍ଳ ତ୍ରୟୋଦଶୀ ଶୁକ୍ରବାର, ଫେବୃୟାରୀ ୩ ତାରିଖ,ଦିବା ଘ.୦୬।୨୪ମି. ଗତେ ଘ.୦୭।୦୯ମି. ମଧ୍ୟେ, ୦୭।୫୪ମି. ଗତେ ଘ.୦୯।୧୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୬ମି. ଗତେ ଘ.୧୨।୦୦ମି. ମଧ୍ୟେ ରାହୁକାଳ ।

**ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଗୁପ୍ତତଥ୍ୟ ଲିକ୍ ମାମଲା: ତଦନ୍ତ ସ୍ଥିତି ଜଣାଇବାକୁ ସରକାରଙ୍କୁ ନିର୍ଦ୍ଦେଶ**

କଟକ ଅଫିସ,୨।୨: ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ତଥ୍ୟ ଲିକ୍ ମାମଲାରେ ତଦନ୍ତ ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଗୁରୁବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଗୁପ୍ତତଥ୍ୟ ଲିକ୍ ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ କାହାକୁ, କେଉଁ ରାଜ୍ୟ ଅବା କେଉଁ ଦେଶକୁ ଗୁପ୍ତ ତଥ୍ୟ ପ୍ରଦାନ କରିଛନ୍ତି ସେନେଇ ପୋଲିସ କିଛି ତଦନ୍ତ କରୁନାହିଁ। କ୍ଷେପଣାସ୍ତ୍ର ଘାଟିର ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ଓ କେନ୍ଦ୍ର ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅରୁଣ ବୁଢିଆ ମାମଲା ପରିଚାଳନା କରୁଛନ୍ତି।




## ୯ରୁ ଆନ୍ଦୋଳନକୁ ଓହ୍ଲାଇବ ୬୬୨ ବର୍ଗ ବେସରକାରୀ କଲେଜ ଅଧ୍ୟାପକ କର୍ମଚାରୀ ସଂଘ

ଭୁବନେଶ୍ୱର,୨।୨ (ବ୍ୟୁରୋ)

କ୍ୟାବିନେଟ୍ ବୈଠକରେ ଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ସ୍ଥିରୀକୃତ ପଦ୍ଧତିକୁ ନିଖିଳ ଓଡ଼ିଶା ୬୬୨ ବର୍ଗ ବେସରକାରୀ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଗତ ଡିସେମ୍ବର ୧୦ରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୭ମ କମିଶନ ବେତନ ଆଧାରରେ ଦରମା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଜାନୁୟାରୀ ୨୧ କ୍ୟାବିନେଟ୍ ବୈଠକରେ ହୋଇଥିବା ନିଷ୍ପତ୍ତିରେ କିଛି କର୍ମଚାରୀଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିବା ସଂଘ ଅଭିଯୋଗ କରିଛି। ୪୨୦୦ ଗ୍ରେଡ୍ ପେ' ପାଉଥିବା ୪୮୮ ବର୍ଗର ପିଇଟି, ଲାଇବ୍ରେରିଆନ୍ ଓ ଡେମୋନଷ୍ଟ୍ରେଟରଙ୍କଠାରୁ ୪୬୦୦ ଗ୍ରେଡ୍ ପେ' ପାଉଥିବା ୬୬୨ ବର୍ଗ କଲେଜ ଅଧ୍ୟାପକମାନଙ୍କୁ କମ୍ ଦରମା ଦେବା ପାଇଁ ନିଷ୍ପତ୍ତି ହୋଇଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ତେଣୁ ଆସନ୍ତା ୯ରୁ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଂଘ ନିଷ୍ପତ୍ତି ନେଇଛି। ଏନେଇ ସଂଘ ସଭାପତି ଗୋଲକ ନାୟକ ଚେତାବନୀ ଦେଇଛନ୍ତି।

## ବଦଳିଲେ ବଡ଼ବିଲ ଥାନା ଅଧିକାରୀ

**ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣା**

କେନ୍ଦୁଝର,୨।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଲସର୍ଦା ଡବଲ ମର୍ଡର ଘଟଣାର ତଦନ୍ତକାରୀ ଅଧିକାରୀ ଥିବା ବଡ଼ବିଲ ଥାନା ଆଇଆଇସି ରାଜେନ୍ଦ୍ର ସ୍ୱାଇଁଙ୍କ ବଦଳି ହୋଇଛି। କେନ୍ଦୁଝର ଏସ୍‌ପି ଗୁରୁବାର ଥାନା ଅଧିକାରୀସ୍ତରରେ ଅଦଳବଦଳ କରିଥିବା ବେଳେ ତାଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ କେନ୍ଦୁଝର ଟାଉନ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି।

ପ୍ରକାଶ ଯେ, ଗତ ରବିବାର ଡବଲ ମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମିଲୁ ବାରିକଙ୍କୁ ପୋଲିସ କାବୁ କରି ରୁଗଡ଼ି ଥାନାକୁ ନେଇ ଜେରା କରିଥିଲା। ସେଠାରେ ସେ ଅସୁସ୍ଥ ହେବାରୁ ଯୋଡ଼ା ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଥିଲା। ମାତ୍ର ପୋଲିସ ମାଡ଼ ମାରିବା ପରେ ଗୁଳି କରି ମିଲୁଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ବଡ଼ବିଲ ଥାନା ଅଧିକାରୀ ବିବାଦରେ ଥିଲେ। ମାମଲା ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିବା ପରେ ଏସ୍‌ପି ମିତ୍ରଭାନୁ ମହାପାତ୍ର ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଜିଲାଜଜ୍‌ଙ୍କୁ ନିବେଦନ କରିଛନ୍ତି।

## ଗୋପାଳଙ୍କୁ କେନ୍ଦ୍ରୀୟ ସୁରକ୍ଷା ଲୋଡ଼ା: ଜୟନାରାୟଣ

ସମ୍ବଲପୁର, ୨।୨(ବ୍ୟୁରୋ)

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟାକାଣ୍ଡ ମାମଲାରେ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ଗିରଫ ହୋଇଥିବାବେଳେ ପ୍ରତିଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଏଭଳି ସ୍ଥିତିରେ ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଗୁରୁବାର ସେ କହିଛନ୍ତି, ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଜେଲ ଭିତରେ ହତ୍ୟା କରାଗଲା। ପରେ ଆତ୍ମହତ୍ୟା ରୂପ ଦେଇ ମାମଲାକୁ ଚାପି ଦିଆଗଲା। କାରଣ ଗୋବିନ୍ଦ କୋର୍ଟରେ ବୟାନ ଦେଇଥିଲେ ବହୁ ମନ୍ତ୍ରୀ, ଅଫିସରଙ୍କ ମୁଖା ଖୋଲିଯାଇଥାନ୍ତା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହତ୍ୟାକାଣ୍ଡରେ ରାଜ୍ୟ ସରକାରଙ୍କ ବଡ଼ ଅଫିସର, ନେତାଙ୍କ ସମ୍ପୃକ୍ତି ଥିବା ସନ୍ଦେହ ହେଉଛି। ମାମଲାକୁ ଚପାଇଦେବାକୁ ଉଦ୍ୟମ କରାଯାଉଛି। ପୋଲିସ ଘଟଣାକୁ ବିଭ୍ରାନ୍ତ କରୁଛି। ନବଙ୍କ ପରିବାର ମୁହଁ ଖୋଲୁ ନାହାନ୍ତି। ଅଭିଯୁକ୍ତ ଗୋପାଳଙ୍କୁ ମଧ୍ୟ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ମାମଲାକୁ ଚପାଇ ଦିଆଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ତେଣୁ ତାଙ୍କୁ କେନ୍ଦ୍ରୀୟ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ଜୟନାରାୟଣ ଦାବି କରିଛନ୍ତି। ଏଥିସହ ହତ୍ୟା ଅଭିଯୁକ୍ତ ପୋଲିସ କର୍ମଚାରୀ ହୋଇଥିବାବେଳେ ଏହାର ତଦନ୍ତ ମଧ୍ୟ ପୋଲିସ କରୁଛି। ତେଣୁ ନବଙ୍କ ପରିବାରକୁ ନ୍ୟାୟ ମିଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ଜୟନାରାୟଣ କହିଛନ୍ତି।


ଜୟନାରାୟଣ ମିଶ୍ର

## ୨ଜି ଜୈବ ଇଥାନଲ ବିଶୋଧନାଗାର କାମର ଫଟୋ ପୋଷ୍ଟ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨।୨(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ଠାରେ ବିପିସିଏଲ୍ ଦ୍ୱାରା ପ୍ରତିଷ୍ଠା ହେଉଥିବା ୨ଜି ଜୈବ ଇଥାନଲ ବିଶୋଧନାଗାରର ଅଗ୍ରଗତି କାର୍ଯ୍ୟର ଫଟୋ ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍‌ରେ ଉଲ୍ଲେଖକରି କହିଛନ୍ତି, ଜୈବ ବିଶୋଧନାଗାରର ନିର୍ମାଣ କାମ ଅଗ୍ରଗତି ହେଉଛି। ଏହି ପ୍ଲାଣ୍ଟ ଆରମ୍ଭ ହେଲେ ପଶ୍ଚିମ ଓଡ଼ିଶାର ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହେବ। ବରଗଡ଼ ୨ଜି ଜୈବ ବିଶୋଧନାଗାର ୱେଷ୍ଟ ଟୁ ୱେଲ୍‌ଥକୁ ପ୍ରୋତ୍ସାହନ ଦେବା ସହ ଚାଷୀଙ୍କ ଆୟ ବୃଦ୍ଧି କରିବ। ରୋଜଗାର ଏବଂ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ହେବ। ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ସବୁଜ ଇନ୍ଧନକୁ ପ୍ରୋତ୍ସାହନ ଦେବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ଆତ୍ମନିର୍ଭର କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାକୁ ସାକାର କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଅଭିଯୁକ୍ତଙ୍କ ସହପାଠୀଙ୍କୁ କ୍ରାଇମବ୍ରାଞ୍ଚର ପଚରାଉଚରା

**ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

ବ୍ରହ୍ମପୁର ଅଫିସ,୨।୨

ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ଗୋପାଳକୃଷ୍ଣ ଦାସଙ୍କ ବ୍ରହ୍ମପୁର ପୈତୃକ ବାସଭବନ, ଭଡ଼ା ଘର ଓ ତାଙ୍କ ସହପାଠୀଙ୍କୁ କ୍ରାଇମବ୍ରାଞ୍ଚ ଗତ ତିନିଧରି ପର୍ଯ୍ୟାୟକ୍ରମେ ପଚରାଉଚରା ଜାରି ରଖିଛି। ଗୋପାଳକୃଷ୍ଣଙ୍କ ବଡ ଭାଇ ସତ୍ୟନାରାୟଣ ୪୮ ଘଣ୍ଟା ହେଲା କ୍ରାଇମବ୍ରାଞ୍ଚ ହେପାଜତରେ ରହିଛନ୍ତି। ଗୁରୁବାର କ୍ରାଇମବ୍ରାଞ୍ଚ ସର୍କିଟ୍ ହାଉସ୍‌ରେ ରହି ଅଭିଯୁକ୍ତ ଏଏସ୍‌ଆଇ ଗୋପାଳଙ୍କ ସାଙ୍ଗ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଜେରା କରିଛି। ଗୋପାଳଙ୍କ ସହପାଠୀ ଆଇନଜୀବୀ ପ୍ରଦୀପ ବେହେରାଙ୍କୁ ଡାକି ପଚରାଉଚରା କରିଥିଲା। କେବେ ଏବଂ କେଉଁଠି ମିଶି ପାଠ ପଢୁଥିଲେ। ପଢ଼ିବା ସମୟରେ ଗୋପାଳଙ୍କ ବ୍ୟବହାର ଓ ଆଚରଣ କେମିତି ଥିଲା। ସେ କ'ଣ କରିବାକୁ ଭଲ ପାଉଥିଲେ ଏବଂ ତାଙ୍କର ଲକ୍ଷ୍ୟ କ'ଣ ଥିଲା ବୋଲି ପ୍ରଶ୍ନ କରିଥିଲେ। କେବେ କାହାକୁ କିଛି କହିଛନ୍ତି କି ବୋଲି କ୍ରାଇମବ୍ରାଞ୍ଚ ପଚାରିଥିଲା। ୧୯୮୫ରେ ଖଲ୍ଲିକୋଟ କଲେଜରେ ଗୋପାଳ ମୋ ସହିତ ପଢୁଥିଲେ। ସେ ଜଣେ ପୋଲିସ ଇନ୍ସପେକ୍ଟର ହେବା ସହ ଭଲ କ୍ରୀଡ଼ାବିତ୍ ହେବେ ବୋଲି କହୁଥିବା ସହପାଠୀ ବେହେରା କହିଛନ୍ତି। ଗୋପାଳଙ୍କର ଆଉ କେଉଁଥିରେ ରୁଚି ଥିଲା କି ନାହିଁ ସେ ଉପରେ ମଧ୍ୟ ପ୍ରଶ୍ନ କରିଥିଲା କ୍ରାଇମବ୍ରାଞ୍ଚ। ତେବେ ଏଏସ୍‌ଆଇ ପଦୋନ୍ନତି ପାଇବା ପରଠୁ ଗୋପାଳଙ୍କର ଏଠାରେ ସେତେଟା ଦେଖାମିଳୁ ନ ଥିଲା। ଅନ୍ୟପକ୍ଷରେ ତାଙ୍କର ବନ୍ଧୁ କହୁଥିବା ଅଭୟ ପାଢୀଙ୍କୁ ମଧ୍ୟ ସର୍କିଟ ହାଉସରେ କ୍ରାଇମବ୍ରାଞ୍ଚ ପଚରାଉଚରା କରିଛି । ଏପରିକି ଆଙ୍କୁଲିରେ ଆଉ କିଛି ସମ୍ପର୍କୀୟ ଏବଂ ତାଙ୍କ ଜଣାଶୁଣା ଲୋକଙ୍କୁ ନେଇ ପଚରାଉଚରା କରିଥିବା ଜଣାପଡ଼ିଛି। ଡିଏସ୍‌ପି ଶିଶିର ମିଶ୍ରଙ୍କ ନେତୃତ୍ୱରେ ଗଠିତ କ୍ରାଇମବ୍ରାଞ୍ଚ ଟିମ୍ ଗତ ଦୁଇଦିନ ତଳେ ଅଭିଯୁକ୍ତ ଗୋପାଳଙ୍କ ଆଙ୍କୁଲି ଶିଳ୍ପାଞ୍ଚଳ ଘର ଏବଂ ଜଳେଶ୍ୱରଖଣ୍ଡିରେ ଥିବା ଗୋପାଳଙ୍କ ପୈତୃକ ଘରେ ତଦନ୍ତ କରିବା ପରେ ପରିବାର ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଜେରା କରିଥିଲା। ପରବର୍ତ୍ତୀ ସମୟରେ ତାଙ୍କ ଭାଇ ସତ୍ୟନାରାୟଣ ଦାସଙ୍କୁ ମଧ୍ୟ ଉଠାଇ ନେଇଥିଲା କ୍ରାଇମବ୍ରାଞ୍ଚ। ସତ୍ୟଙ୍କଠାରୁ କିଛି ତଥ୍ୟ ପାଇବା ପରେ ପୁଣି ବ୍ରହ୍ମପୁରରେ କ୍ରାଇମବ୍ରାଞ୍ଚର ଜଣେ ଇନ୍ସପେକ୍ଟର ରହି ତଦନ୍ତ ଜାରି ରଖିଛନ୍ତି। ଏମିତିକି ଗୋପାଳ ଏବଂ ତାଙ୍କ ପରିବାର ଲୋକଙ୍କ ନାମରେ କେତୋଟି ବ୍ୟାଙ୍କ ଆକାଉଣ୍ଟ ଅଛି। ସେଥିରେ କେତେ ଟଙ୍କା ରହିଛି ଏବଂ ବ୍ୟାଙ୍କ୍ ଖାତା ଷ୍ଟେଟ୍‌ମେଣ୍ଟ ମଧ୍ୟ ବାହାର କରାଯାଇଛି। ଗୋପାଳଙ୍କ ପରିବାର ଲୋକ ତାଙ୍କୁ ଜଣେ ମାନସିକ ରୋଗୀ କହୁଥିବା ବେଳେ ଏହାକୁ ସହଜରେ ଗ୍ରହଣ କରିପାରୁନି କ୍ରାଇମବ୍ରାଞ୍ଚ। ଫଳରେ ଗୋପାଳ ଚିକିତ୍ସିତ ହେଉଥିବା ପୁରୁଣା ପ୍ରେସ୍କ୍ରିପ୍ସନକୁ ମଧ୍ୟ ଯାଞ୍ଚ କରିବା ସହ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପଚରାଉଚରା କରିଛି। ପରିବାର ଲୋକଙ୍କ ମୋବାଇଲ୍ ରେକର୍ଡ ମଧ୍ୟ ଯାଞ୍ଚ ହୋଇଛି। ମନ୍ତ୍ରୀଙ୍କ ହତ୍ୟା ପୂର୍ବରୁ ଏବଂ ପରେ ସେମାନେ କାହା ସହିତ କେତେ ସମୟ କଥା ହୋଇଛନ୍ତି, ସେମାନଙ୍କ ସହ ଏମାନଙ୍କ ସମ୍ପର୍କ କ'ଣ ରହିଛି। ବିଶେଷ କରି ଗୋପାଳଙ୍କ ମୋବାଇଲରୁ କାହା କାହାକୁ ଫୋନ୍ ଆସିଛି ଏମିତି ଅନେକ ବିଷୟକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଆଗକୁ ବଢ଼ାଇଛି। ପରିବାର ଲୋକଙ୍କୁ ଗଣମାଧ୍ୟମ ଏବଂ ବାହାରେ କୌଣସି ତଥ୍ୟ ଦେବାକୁ ମନା କରାଯାଇଛି ବୋଲି ଜଣାପଡିଛି।

**ନୀତି ରାଜନୀତି**

## ଆୟୁଷ୍ମାନ ଯୋଜନାର ମିଛ ଧରାପଡ଼ିଛି: ବିଜେଡି

ଭୁବନେଶ୍ୱର,୨।୨(ବ୍ୟୁରୋ)

ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଯ୍ୟକାରୀ କରୁଛନ୍ତି। କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା ଆନୁଷ୍ଠାନିକ ଭାବେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଭାବେ ଜଣାଶୁଣା । ଓଡ଼ିଶା ଭାଜପା ପକ୍ଷରୁ ନିୟମିତ ଭାବେ ଆୟୁଷ୍ମାନ ଭାରତ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଠାରୁ ଭଲ ବୋଲି କୁହାଯାଉଛି। ତେବେ ଆୟୁଷ୍ମାନ ଯୋଜନାକୁ ନେଇ ରାଜ୍ୟ ଭାଜପା ଚଳାଇଥିବା ମିଥ୍ୟା ପ୍ରଚାର ପଦାରେ ପଡ଼ିଛି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଅଭିଯୋଗ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଗୁରୁବାର ଶ୍ରୀମୟୀ କହିଛନ୍ତି, ୨୦୨୩-୨୪ କେନ୍ଦ୍ର ବଜେଟରେ ପ୍ରମୁଖ ଯୋଜନାଗୁଡ଼ିକ ମଧ୍ୟରୁ ୭ ନମ୍ବର ସ୍ଥାନରେ ଥିବା ଆୟୁଷ୍ମାନ ଭାରତ ଯୋଜନା ପାଇଁ ମାତ୍ର ୭୨୦୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଭାରତର ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ଅଞ୍ଚଳକୁ ବିଚାରକୁ ନେଲେ ପ୍ରତି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଭାଗରେ ଆୟୁଷ୍ମାନ ଭାରତ ଯୋଜନାରେ ବର୍ଷକୁ ପ୍ରାୟ ୨୦୦ କୋଟି ଟଙ୍କା ପଡ଼ିବ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପ୍ରାୟ ୬୦୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହାକି ଓଡ଼ିଶାର ଜିଲା ପିଛା ବାର୍ଷିକ ପ୍ରାୟ ୨୦୦ କୋଟି ଟଙ୍କା । କେନ୍ଦ୍ର ଦ୍ୱାରା ପ୍ରତିବର୍ଷ ଦିଆଯିବାକୁ ଥିବା ୨୦୦ କୋଟି ଟଙ୍କାର ଆୟୁଷ୍ମାନ ଯୋଜନା ଅର୍ଥ କେବଳ ଓଡ଼ିଶାର ଗୋଟିଏ ଜିଲାକୁ ଅନ୍ତର୍ଭୁକ୍ତ କରିବ । ଓଡ଼ିଶାର ବାକି ୨୯ ଜିଲା କୁଆଡ଼େ ଯିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ଭାଜପା ନେତାମାନେ ଚାହୁଁଛନ୍ତି ସେମାନଙ୍କ ରାଜନୈତିକ ଫାଇଦା ପାଇଁ ଓଡ଼ିଶାର ମହିଳାମାନେ ବିଏସ୍‌କେୱାଇରେ ୧୦ ଲକ୍ଷ ଟଙ୍କାର ଲାଭ ନ ପାଇ ଆୟୁଷ୍ମାନରେ ଏହାର ଅଧା ଅର୍ଥାତ୍ ୫ ଲକ୍ଷ ଟଙ୍କାର ଲାଭ ପାଆନ୍ତୁ। ଏହାପରେ ଯଦି ଭାଜପା ନେତାମାନେ ଆୟୁଷ୍ମାନ ଏବଂ ବିଏସ୍‌କେୱାଇ ମଧ୍ୟରେ ଥିବା ପାର୍ଥକ୍ୟ ବୁଝିବାରେ ସକ୍ଷମ ହୋଇନାହାନ୍ତି, ତେବେ ସେମାନେ ବୁଝିବା ପର୍ଯ୍ୟନ୍ତ ବୁଝାଇ ବହୁତ ଖୁସି ହେବୁ ବୋଲି ଶ୍ରୀମୟୀ କହିଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର (ବାମ)।

## ବିଏସ୍‌କେୱାଇରେ ମିଛ ପ୍ରଚାର କରାଯାଉଛି: ସୁରଜ

ଭୁବନେଶ୍ୱର,୨।୨(ବ୍ୟୁରୋ)

କେନ୍ଦ୍ର ବଜେଟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ କମିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ତଥ୍ୟ ସମ୍ପୂର୍ଣ୍ଣ ଭୁଲ୍ ଓ ନିରାଧାର ବୋଲି ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୁରଜ କହିଛନ୍ତି, ରାଜ୍ୟ ଭାଜପା ନେତୃବୃନ୍ଦଙ୍କ ପ୍ରତି ବୁଧବାର ମୁଖ୍ୟମନ୍ତ୍ରୀ ପ୍ରୟୋଗ କରିଥିବା ଶବ୍ଦ ଅଶୋଭନୀୟ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶା ଗସ୍ତ ସମୟରେ କହିଥିଲେ, ଓଡ଼ିଶା ଶାସନକୁ କିଏ ଚଲାଉଛି ଏବଂ ତା'ର ଶାସନ ଦାୟିତ୍ୱ କାହା ହାତରେ ନ୍ୟସ୍ତ ରହିଛି। ମୁଖ୍ୟମନ୍ତ୍ରୀ ବଜେଟକୁ ଭଲରେ ଜାଣି ଟୁଇଟ୍ କରିଛନ୍ତି ନା ତାଙ୍କ ଅଜାଣତରେ କିଏ ପୋଷ୍ଟ କରିଛି ବୋଲି ସୁରଜ ପ୍ରଶ୍ନ କରିଛନ୍ତି । ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାରେ ୫୦ କୋଟିରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ୮୦ ହଜାର କୋଟି ଟଙ୍କାର ସହାୟତା ମିଳିଛି। ୯ ହଜାରରୁ ଅଧିକ ଜନଔଷଧୀ କେନ୍ଦ୍ରରେ ଗରିବ ଲୋକଙ୍କୁ ୨୦ ହଜାର କୋଟି ଟଙ୍କାର ଲାଭ ପାଇଛନ୍ତି। ଆୟୁଷ୍ମାନ ଭାରତ କ'ଣ ତାହା ଦେଶବାସୀ ଭଲ ଭାବେ ଜାଣିଛନ୍ତି। ୫ ବର୍ଷ ହେଲା ଓଡ଼ିଶାର ପ୍ରାୟ ୬୦ ଲକ୍ଷ ଗରିବ ପରିବାରକୁ ଆୟୁଷ୍ମାନ ଭାରତ ଯୋଜନାରୁ ବଞ୍ଚିତ ରଖାଯାଇଛି। ଗ୍ରାମୀଣ ଓଡ଼ିଶାର ପ୍ରାୟ ୩୩.୪୫ ପ୍ରତିଶତ ପରିବାର କାମ କରିବା ପାଇଁ ବାହାର ରାଜ୍ୟକୁ ଯାଆନ୍ତି। ଗଞ୍ଜାମ ସମେତ ଏହି ପ୍ରବାସୀ ଓଡ଼ିଆଙ୍କ ସଂଖ୍ୟା ୨୫ ଲକ୍ଷ ଟପିଲାଣି। ଆୟୁଷ୍ମାନ ଭାରତରେ ୨୬,୨୬୭ରୁ ଅଧିକ ଡାକ୍ତରଖାନା ଅଛି। ଓଡ଼ିଆ ଲୋକେ ଯଦି ନିଜ ଦେଶର ଯେକୌଣସି ରାଜ୍ୟ, ସହର ବା ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଲେ, ତେବେ ଏହା କି ପ୍ରକାରର ସାର୍ବଜନୀନ ସ୍ୱାସ୍ଥ୍ୟସେବା। ବିଏସ୍‌କେୱାଇରେ ମିଛ ପ୍ରଚାର କରାଯାଉଛି ବୋଲି ସୁରଜ କହିଛନ୍ତି।



ଖବରଦାତା ସମ୍ମିଳନୀରେ ବିଧାୟକ ସୂର୍ଯ୍ୟବଂଶୀ ସୁରଜ (ମଝି) ଓ ଦଳୀୟ ନେତାମାନେ।

## ସାଲୁଜା ପରିବାର ଦାଦାଗିରି ଦେଖାଉଛନ୍ତି: ବିଜେଡି

**ଆଲିସାନ୍ ସିନେମା ହଲ୍ ଗଣ୍ଡଗୋଳ ଘଟଣା**

ବଲାଙ୍ଗୀର ଅଫିସ, ୨।୨

କଣ୍ଟାବାଞ୍ଜି-ବେଲପଡ଼ା ରାସ୍ତାରେ ଥିବା ଆଲିସାନ୍ ସିନେମା ହଲରେ କଣ୍ଟାବାଞ୍ଜି ବିଧାୟକଙ୍କ ପୁଅ ଅମିତ ସିଂ ଓରଫ୍ ସେଜି ସିଂ ସାଲୁଜାଙ୍କ ଧମକଚମକ ଘଟଣାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ବିଜେଡି ଜିଲା ଉପସଭାପତି ଉମାକାନ୍ତ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଉଦ୍ଧବ ବେହେରା ଏବଂ ବିଜେଡି ନେତା ରୂପେଶ ବେହେରା ସ୍ଥାନୀୟ ସାମ୍ବାଦିକ ଭବନକୁ ଆସି କଣ୍ଟାବାଞ୍ଜି ବିଧାୟକ, ତାଙ୍କ ପୁଅ ସେଜି ସିଂ ଏବଂ କଣ୍ଟାବାଞ୍ଜି ଏନ୍‌ଏସି ନଗରପାଳ ବରିୟମ ସିଂ ସାଲୁଜାଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ କରିଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ସାଲୁଜା ପରିବାର ଦାଦାଗିରି ଦେଖାଉଥିବା, ବଟି ଆଦାୟ କରୁଥିବା ଅଭିଯୋଗ କରିଥିଲେ। ରାଜ୍ୟର ଅନ୍ୟ ଅଞ୍ଚଳରେ କୌଣସି ଘଟଣା ଘଟିଲେ ପ୍ରତିକ୍ରିୟା ରଖୁଥିବା ବିଧାୟକ ସାଲୁଜା ନିଜ ପୁଅ ଘଟାଇଥିବା ଅଘଟଣ, ମାରପିଟ ଓ ବଟି ଆଦାୟରେ କ'ଣ କହିବେ ବୋଲି ସେମାନେ ପ୍ରଶ୍ନ କରିଥିଲେ। କଣ୍ଟାବାଞ୍ଜିରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଜନସାଧାରଣ ତାଙ୍କୁ ଉଚିତ ଜବାବ ଦେବେ ବୋଲି କହିଥିଲେ।


ବଲାଙ୍ଗୀର ସାମ୍ବାଦିକ ଭବନଠାରେ ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

## ପୋଲିସ ବିଫଳତା ଏଡ଼ାଇବାର ଅପଚେଷ୍ଟା: ସାଲୁଜା

ବଲାଙ୍ଗୀର ଅଫିସ/ବେଲପଡ଼ା, ୨।୨ (ଡି.ଏନ୍.ଏ.)

କଣ୍ଟାବାଞ୍ଜି-ବେଲପଡା ରାସ୍ତାରେ ଥିବା ଆଲିସାନ୍ ସିନେମା ହଲ୍‌ରେ ବୁଧବାର ରାତିରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ବେଲପଡା ଥାନା ପୋଲିସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ପୁଅ ଅମିତ୍ ଓରଫ୍ ସେଜି ସିଂ ସାଲୁଜାଙ୍କ ସମେତ ୬ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ପ୍ରତିକ୍ରିୟା ରଖି ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଛୋଟ ଘଟଣାକୁ ବଡ ରୂପ ଦେବାର ଅପଚେଷ୍ଟା କରାଯାଉଛି। ଆଲିସାନ୍ ସିନେମା ହଲର ପାର୍ଟନର ହେଉଛନ୍ତି ଭୁବନେଶ୍ୱରରେ ଥିବା ଜଣେ ପୋଲିସ ଡିଜି। ସେ ଏହି ଛୋଟ ଘଟଣାକୁ ବଡ ରୂପ ଦେବାକୁ ଚେଷ୍ଟା କରୁଛନ୍ତି। ଏହି ଘଟଣା ପରେ ପ୍ରଥମେ ୪ଟି ଦଫାରେ ମାମଲା ରୁଜୁ ହୋଇଥିଲା। ପରେ ୧୦ଟି ସଙ୍ଗିନ ଦଫା ଯୋଡା ଯାଇଛି। ଆଲିସାନ୍ ସିନେମା ହଲ୍ ମାଲିକ କିଶନ ଅଗ୍ରୱାଲଙ୍କ ସହ ଉକ୍ତ ପୋଲିସ ଡିଜିଙ୍କ ପାର୍ଟନରଶିପ୍ ରହିଛି। ବଲାଙ୍ଗୀର ଜିଲାରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ବଲାଙ୍ଗୀର ଭଳି ଶାନ୍ତିପ୍ରିୟ ସହର ଏବଂ ଜିଲାରେ ଏବେ ପ୍ରତିଦିନ ଅପରାଧ ଘଟିଚାଲିଛି। ରାଜ୍ୟସ୍ତରରେ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣା ଘଟିଛି। ଜଣେ ପୋଲିସ ଅଫିସର ତାଙ୍କୁ ହତ୍ୟା କରିଛନ୍ତି ଏବଂ କ୍ରାଇମବ୍ରାଞ୍ଚ ବି ତା'ର ଖିଅ ପାଉନାହିଁ। ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଧରାଯାଇନାହିଁ। ଏଇ ସବୁ ଘଟଣାକୁ ଆଢୁଆଳରେ ରଖିଦେବାକୁ ଏହି ଚକ୍ରାନ୍ତ କରାଯାଇଛି ବୋଲି ବିଧାୟକ ସାଲୁଜା କହିଛନ୍ତି। ସିନେମା ହଲ୍‌କୁ ସିନେମା ଦେଖି ଯାଇଥିବା ୬ ଜଣ ନିରୀହ ଲୋକଙ୍କ ଉପରେ ପୋଲିସ ୧୦ଟି ସଙ୍ଗିନ ଦଫା ଲଗାଇଛି। ଏଥିରୁ ପୋଲିସର ଆଭିମୁଖ୍ୟ ସ୍ପଷ୍ଟ ବୋଲି ସେ କହିଛନ୍ତି।




**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ- ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆରଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୨-୨୩
(ଇ ଏନ୍‌ଆଇଟି_ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୨-୨୩/୧୧)
**ପ୍ରେସ୍ ବିଜ୍ଞପ୍ତି**
ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁ-ବ୍ରହ୍ମପୁର (ଓଡ଼ିଶା)ଠାରେ ଖୋଲା ଏରିଆ ପାଇଁ ଭୂମିର ବିକାଶ | ୨୩.୨୯ | ୧୦।୦୨।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ । **ନିର୍ବାହୀ ଯନ୍ତ୍ରୀ**

“ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। –ଶ୍ରୀମା

# ଉତ୍ତରଦାୟିତ୍ୱକୁ ଅସ୍ୱୀକାର



ଅରବିନ୍ଦ ସୁବ୍ରମଣ୍ୟନ

ବିଶ୍ୱ ଅର୍ଥନୈତିକ ମଞ୍ଚ (ୱାର୍ଲ୍ଡ ଇକୋନୋମିକ ଫୋରମ)ର ବାର୍ଷିକ ସମ୍ମିଳନୀ ମୁଖ୍ୟତଃ ଡାଭୋସରେ ହୋଇ ଆସୁଛି। ଏଠାରେ ପ୍ରତିଷ୍ଠିତ ଶିକ୍ଷାବିତ ଏବଂ ଖ୍ୟାତନାମା ବ୍ୟକ୍ତିତ୍ୱ ଏକାଠି ହୋଇ ବିଶ୍ୱର ସ୍ଥିତି ସମ୍ପର୍କରେ ମତ ଦେଇଥାନ୍ତି। କିନ୍ତୁ ଏବେ ସେଭଳି ଆଲୋଚନାର ପ୍ରମୁଖ ସ୍ଥଳ ହୋଇଛି ମିଡିଆ । ସୋସିଆଲ ମିଡିଆ ପ୍ରାୟୋଜିତ ନ୍ୟୁଜ୍ ନେଟ୍‌ୱର୍କ ବସ୍ତୁତଃ ଆମକୁ ବିଶେଷଜ୍ଞଙ୍କ ମତ ଓ ମନ୍ତବ୍ୟରେ ବୁଡ଼ାଇ ଦେଉଛି। ଅତ୍ୟଧିକ ଅନୁପଯୋଗୀ ମତର ବନ୍ୟା ସୃଷ୍ଟି କରିବା ଦ୍ୱାରା ଉତ୍ତମ ସାର୍ବଜନୀନ ଆଲୋଚନାର ଜୀବନଶକ୍ତି କୁହାଯାଉଥିବା ବିଚାରଶୀଳ ବିଶ୍ଳେଷଣ ଏବଂ ଗୁରୁତ୍ୱପୂର୍ଣ୍ଣ ବିତର୍କ ଲାଗି କମ୍ ସୁଯୋଗ ରହୁଛି। ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା କୋଭିଡ୍-୧୯ ମହାମାରୀରେ । ମହାମାରୀର ପୂରା ସମୟରେ ବିଶେଷଜ୍ଞଙ୍କ ସର୍ବସମ୍ମତିରେ କିଭଳି ପରିବର୍ତ୍ତନ ହୋଇଥିଲା ତାହା ବିଚାର କରାଯାଉ। ଚାଇନା କୋଭିଡ୍ ସଂକ୍ରମଣ ରୋକିବା ପାଇଁ ଆପଣାଇଥିବା ରଣନୀତି ଅନ୍ୟ ଉଦାରବାଦୀ ଗଣତାନ୍ତ୍ରିକ ଦେଶଗୁଡ଼ିକ ଠାରୁ ଖୁବ୍ ଭଲ କାମ କରିଥିଲା। ତାହାର ଏକଛତ୍ରବାଦୀର ବିଫଳତା ପ୍ରକାଶ ପାଇବା ପୂର୍ବରୁ ଏହା କରିପାରିଥିଲା। କିନ୍ତୁ ସେଠାରେ ନୀତିନିର୍ଦ୍ଧାରକମାନେ ସେମାନଙ୍କ ରଣନୀତିଠାରୁ ସମ୍ପୂର୍ଣ୍ଣ ଦୂରେଇଯିବା ଫଳରେ କିଛିମାସ ହେଲା ସଂକ୍ରମଣ ପ୍ରକାଶ ପାଇଛି, ଯେଉଁଥି ପାଇଁ ଆମେରିକାଠାରୁ ଚାଇନାରେ କିଛି ଅଧିକ କୋଭିଡ୍‌ଜନିତ ମୃତ୍ୟୁ ହେବାର ସମ୍ଭାବନା ରହିଛି। କୋଭିଡ ନିୟନ୍ତ୍ରଣରେ ସାମାଜିକ ବିଶ୍ୱାସ ସ୍ତର ଅଧିକ ଥିବା ଦେଶଗୁଡ଼ିକଠାରୁ ଆମେରିକା ଭଳି ଧ୍ରୁବୀକୃତ ସମାଜ ପୂରା ଖରାପ। ପରେ ସୁଇଡେନ ତା’ ଅର୍ଥନୀତିକୁ ବଞ୍ଚାଇବା ଲାଗି ଆମେରିକା ଭଳି କଟକଣା କୋହଳ କରିବା କାରଣରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିଲା। ପ୍ରଥମରୁ କୋଭିଡ୍ ନିୟନ୍ତ୍ରଣ କ୍ଷେତ୍ରରେ ଭାରତ ଅପେକ୍ଷାକୃତ ଭଲ କରିଥିଲା। କିନ୍ତୁ ସରକାରଙ୍କ କୁପରିଚାଳନା ଯୋଗୁ ଡେଲ୍‌ଟା ଭାରିଆଣ୍ଟ ସଂକ୍ରମଣରେ ଅତ୍ୟଧିକ ମୃତ୍ୟୁ ହେଲା। ପରେ ସଫଳ ଟିକାକରଣ ଯୋଗୁ ଗମ୍ଭୀରତା ସାମାନ୍ୟ କମିଲା

ଆମେରିକାର ମୁଦ୍ରାସ୍ଫୀତି ବିତର୍କକୁ ଆସିବା। ସେଠାରେ ମୁଦ୍ରାସ୍ଫୀତି ସ୍ଥିତିରେ କିଭଳି ସୁଧାର ଆସିବ ସେ ସମ୍ପର୍କିତ ମତକୁ ନେଇ ଦୁଇ ଗୋଷ୍ଠୀ ଦେଖାଗଲେ। କମ୍ ସୁଧ ହାରରେ ମୁଦ୍ରାସ୍ଫୀତି ହ୍ରାସ ପାଇବ ଓ ଶୀଘ୍ର ଦର କମିବ ବୋଲି କେତେକ ଆର୍ଥିକ ନୀତିନିର୍ଦ୍ଧାରକ ଯୁକ୍ତି ବାଢ଼ିଲେ। ତାହା ହେଲା କି? କିନ୍ତୁ ପରେ ଲଗାତର ଉଚ୍ଚ ସୁଧ ହାର ଦ୍ୱାରା ମୁଦ୍ରାସ୍ଫୀତିକୁ ରୋକିହେବ ବୋଲି ଦାବି କରୁଥିବା ଆର୍ଥିକ ନୀତିନିର୍ଦ୍ଧାରକମାନଙ୍କ କଥା ସତ ପ୍ରମାଣିତ ହେଲା। ଏମାନେ ମୂଲ୍ୟରେ ସ୍ଥିରତା ଆଣିବା ପାଇଁ ଅର୍ଥନୀତିରେ ବଡ଼ ମାନ୍ଦାବସ୍ଥା ସୁଧାରିବା ଲାଗି ଫେଡେରାଲ ରିଜର୍ଭ ନିକଟରେ ଦାବି କରିଥିଲେ। ଏବେ ଆମେରିକାର ଲେବର ମାର୍କେଟ ଉପରେ ଫେଡେରାଲ ରିଜର୍ଭ ଅଧିକ ବୋଝ ନ ଲଦି ମୁଦ୍ରାସ୍ଫୀତି କମାଇଛି। ଫଳରେ ଏବେ ମାନ୍ଦା ଅର୍ଥନୀତି ପୁଣି ଉପରକୁ ଉଠିବାରେ ଲାଗିଛି।



ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ମୁଦ୍ରାସ୍ଫୀତି ବଢ଼ିଛି। ଆମେରିକା ଓ ଚାଇନା ମଧ୍ୟରେ ଶତ୍ରୁତା ବଢ଼ିବାରୁ ‘ପଲିକ୍ରାଇସିସ୍’ ଦେଖାଯାଇଛି। ଏବକାର ବିପର୍ଯ୍ୟୟଗୁଡ଼ିକର ସାମଗ୍ରିକ ପ୍ରଭାବକୁ ବର୍ଣ୍ଣନା କରିବା ଲାଗି ଫାଇନାନ୍ସିଆଲ ଟାଇମ୍ସ ଚଳିତ ବର୍ଷ ଏହି ଶବ୍ଦ ସାମ୍ନାକୁ ଆଣିଛି । କିନ୍ତୁ ତାହା ନ ଘଟି ଏବେ ବିଶ୍ୱ ଅର୍ଥ ବ୍ୟବସ୍ଥା ଖରାପ ସ୍ଥିତିରୁ ମୁକୁଳିବା ଲକ୍ଷ୍ୟ କରାଯାଉଛି। ଏହା ବ୍ୟତୀତ ଆସନ୍ତା ବର୍ଷ ଅଭିବୃଦ୍ଧି ପୁନର୍ବାର ବୃଦ୍ଧିପାଇବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଆଶା ରଖିଛି। ଅର୍ଥନୀତିଜ୍ଞମାନେ ଏବେ ‘ପଲି-ରିକଭରି’ ଅର୍ଥାତ୍ ସ୍ଥାୟୀ ଭାବେ ଅର୍ଥନୀତିରେ ଉନ୍ନତି ଆସିବା କଥା କହୁଛନ୍ତି। ୨୦୨୦ରେ ୟୁରୋପରେ ବସନ୍ତ ଓ ଗ୍ରୀଷ୍ମର ଉଦ୍‌ବେଗଜନକ ସ୍ଥିତି ଓ ଅତ୍ୟଧିକ କୋଭିଡ୍ ସଙ୍କଟ ଯୋଗୁ ଆର୍ଥିକ ବ୍ୟାପାରରେ ଏକ ବିପରୀତ ସ୍ଥିତି ଉପୁଜିବ ବୋଲି ଯାହା ଆକଳନ କରାଯାଇଥିଲା ତାହା ଘଟିଲା ନାହିଁ। ବରଂ ଅନେକେ ଯାହା ବିଶ୍ୱାସ କରୁଥିଲେ ତା’ଠାରୁ ଅଧିକ ସହନୀୟ ଭାବେ ବିଶ୍ୱ ଅର୍ଥ ବ୍ୟବସ୍ଥା ଉଭା ହେଲା। ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ପ୍ରତିହତ କରିବା କାରଣରୁ ୟୁରୋପରେ ଶୀତଋତୁରେ ଶକ୍ତି ସଙ୍କଟ ଏକ ସତର୍କଘଣ୍ଟି ବୋଲି ବହୁ ବିଶ୍ଳେଷକ ମତ ରଖିଥିଲେ। କିନ୍ତୁ ଗ୍ରୀଷ୍ମରୁ ଗ୍ୟାସ୍ ମୂଲ୍ୟ ଧୀରେ ଧୀରେ କମିଚାଲିଛି। କିଛି ମାସ ପୂର୍ବରୁ ଅନେକ ବିଶ୍ଳେଷକ ଆକଳନ କରିଥିଲେ, ଚାଇନାର ଅର୍ଥ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ। କିନ୍ତୁ କିଛି ଦିନ ପରେ ସେହିମାନଙ୍କ ମଧ୍ୟରୁ ଅନେକେ ଦାବି କରୁଛନ୍ତି ଯେ ଚାଇନା ଏବେ ତା’ ଅର୍ଥ ବ୍ୟବସ୍ଥାକୁ ଫେରୁଛି।

ବିଶେଷଜ୍ଞଙ୍କ ମଧ୍ୟରେ ସର୍ବସମ୍ମତିରେ ଅସ୍ଥିରତା ବା ଅବିଶ୍ୱସନୀୟତାର ମୂଳରେ ରହିଛି ମିଡିଆ ଜଗତ। ସେମାନେ ଗଭୀରକୁ ନ ଯାଇ ଭାବନାତ୍ମକ ଭାବେ ନିଶ୍ଚିତତାର ସହ ହଠାତ୍ କୌଣସି ସ୍ଥିତି ଉପରେ ସିଦ୍ଧାନ୍ତ ପ୍ରକାଶ କରୁଛନ୍ତି । ଯେତେବେଳେ ବାସ୍ତବତା ଏସବୁ ସିଦ୍ଧାନ୍ତର ତ୍ରୁଟିକୁ ପଦାକୁ ଆଣୁଛି, ସେତେବେଳେ ବିଶେଷଜ୍ଞମାନେ ସେମାନେ ଦେଇଥିବା ମତ ବିଷୟରେ ଚିନ୍ତା କରୁନାହାନ୍ତି କି ଉତ୍ତରଦାୟିତ୍ୱକୁ ସ୍ୱୀକାର କରୁନାହାନ୍ତି। ବରଂ ଦର୍ଶକ ଏବଂ ପାଠକଙ୍କୁ ଅତ୍ୟଧିକ ଆଘାତ ଦେଇ ସେମାନଙ୍କ ମତ ବଦଳାଇ ଅନ୍ୟ ଆଡକୁ ଚାଲିଯାଉଛନ୍ତି। ବିଶେଷଜ୍ଞଙ୍କ ମତ କିଛି କ୍ଷଣ ସ୍ଥାୟୀ ହେଉଥିଲେ ମଧ୍ୟ ଆମକୁ ନିଶ୍ଚିତ ହେବାକୁ ହେବ ଯେ, ସେମାନଙ୍କ ମତ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମେ ଯେଉଁ ବିଶ୍ୱରେ ରହୁଛେ ବିଶେଷଜ୍ଞମାନେ ବି ସେଥିରେ ରହୁଛନ୍ତି। କିନ୍ତୁ ସେମାନଙ୍କ ତ୍ୱରିତ ଓ ଅବ୍ୟବସ୍ଥିତ ମତ ବ୍ୟକ୍ତିର ମାନସିକତାକୁ ପ୍ରଭାବିତ କରୁଥିଲେ ମଧ୍ୟ ସେମାନେ ଏହାକୁ ରୋକିପାରୁନାହାନ୍ତି। ଦେଖିବାକୁ ଗଲେ ଏକ ଦ୍ରୁତ ପରିବର୍ତ୍ତନଶୀଳ ପରିବେଶରେ ସମୟ ସାପେକ୍ଷ ବାସ୍ତବ ବିଶ୍ଳେଷଣ ଓ ଆକଳନ ଯୋଗାଇଦେବା ଦାୟିତ୍ୱ ଆଇଏମ୍‌ଏଫ୍‌ର। କିନ୍ତୁ ସବୁକିଛି ଭୁଲ୍ ହେବା କିମ୍ବା ଯାହା ଉପରେ ନଜର ରଖିବା କଥା ତାହା ନ କରି ଆଇଏମ୍‌ଏଫ୍ ଅନ୍ୟଆଡକୁ ଗତି କରିବା ନିଶ୍ଚିତ ଭାବେ ଏକ ସଙ୍କଟ। ସତ ମନେହେଉଥିବା ସବୁଠୁ ଖରାପ ଘଟଣାର ତ୍ୱରିତ ବିଶ୍ଳେଷଣ ପାଇଁ ନୀତିଗତ ଭାବେ ଏହା ଉତ୍ତରଦାୟୀ ହେବା ଉଚିତ।

ଏବକାର ସମୟରେ ବହୁ ସଂଖ୍ୟକ ଆତ୍ମବିଶ୍ୱାସୀ ବିଶେଷଜ୍ଞ ଅନେକ ବିଷୟରେ ଅତ୍ୟଧିକ ଆକଳନ କରୁଥିବା ବିଷୟକୁ କେହି ଅସ୍ୱୀକାର କରିପାରିବେ ନାହିଁ। ହେଲେ ଏଠାରେ ଏବକାର ସମୟରେ ମୌଳିକ ଆର୍ଥିକ ସିଦ୍ଧାନ୍ତ ହିଁ ଅଧିକ ଉପଯୋଗୀ । ୨୪ ଘଣ୍ଟିଆ ନ୍ୟୁଜ୍ ପ୍ରକ୍ରିୟା ବିଶେଷଜ୍ଞ ମତ ପାଇଁ ବାଟ ଖୋଲିଛି। କିନ୍ତୁ ଏଥିରେ ଥିବା କିଛି ତ୍ରୁଟିକୁ ସୁଧାରିବା ଦରକାର। ୧୯୭୪ରେ ଫ୍ରିଡ୍ରିକ ଭନ୍ ହାୟେକ ନୋବେଲ ପୁରସ୍କାର ଗ୍ରହଣ କରିବା ସମୟରେ ପରାମର୍ଶ ଦେଇଥିଲେ ଯେ, କୌଣସି ବିଶେଷଜ୍ଞ ତତ୍‌କାଳ ମତ ଦେବା ପରେ ସେହି ଘଟଣାରେ ମୋ ସାଥୀମାନେ ସାଧାରଣରେ ତା’ ଉପରେ ମନ୍ତବ୍ୟ ଦେବାରୁ ଦୂରେଇ ରହୁଛନ୍ତି। ସେ କହିଥିଲେ ଯେ, ଆମେ ଏକ ନିର୍ଦ୍ଦିଷ୍ଟ ଉତ୍ତରଦାୟିତ୍ୱ ବହନ କରିବା ଉଚିତ। କିନ୍ତୁ ତାହା ହେଉନାହିଁ। ଏବେ ପ୍ରସାର କରାଯାଉଥିବା ସମସ୍ତ ମତ କ୍ଷେତ୍ରରେ ସମାନ ପ୍ରକାର ଉତ୍ତରଦାୟିତ୍ୱ ଗ୍ରହଣ କରାଯିବା ଦରକାର। ସାମାନ୍ୟ ସଂଯମତା ନ ଥିବାରୁ ସବୁବେଳେ ଦୃଷ୍ଟି ଆକର୍ଷଣ କରିବା ଲାଗି ଦିଆଯାଉଥିବା ତ୍ୱରିତ ମତସବୁ ମୁକ୍ତ ସମାଜର ସହଯୋଗ କରୁଥିବା ତଥ୍ୟଭିତ୍ତିକ ବିତର୍କର ଗୁରୁତ୍ୱକୁ ଶେଷ କରିଦେଉଛି।

**–ସିନିୟର ଫେଲୋ, ବ୍ରାଉନ୍ ୟୁନିଭର୍ସିଟି**

## ଏଇ ଭାରତରେ

ଭାରତରେ ଶିକ୍ଷା ଓ ଶିକ୍ଷକ ସମସ୍ୟା ଲାଗିରହିଛି। ସରକାରୀ ସ୍ତରରେ ଯେତେ ଯୋଜନା କରାଯାଉଥିଲେ ମଧ୍ୟ ଆଶାନୁରୂପକ ସଫଳତା ମିଳିପାରୁ ନାହିଁ। ଏଣୁ ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ସହଯୋଗର ହାତ ବଢ଼ାଉଥିବା ବ୍ୟକ୍ତିଗତ ତଥା ଘରୋଇ ସଂସ୍ଥାଗୁଡ଼ିକ ମଧ୍ୟରେ ରହିଛି ସେଣ୍ଟ୍ରାଲ ସ୍କୋୟାର ଫାଉଣ୍ଡେସନ। ଏହା ନିପୁଣ ଭାରତ ମିଶନର ମାର୍ଗଦର୍ଶନରେ ପିଲାମାନଙ୍କ ଶୈକ୍ଷିକ କ୍ଷମତା ବିକାଶ କରି ଭାରତର ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ଆଣିବା ଦିଗରେ ୧୨ଟି ରାଜ୍ୟରେ କାମକରୁଛି। ୨୦୧୨ରେ ସ୍ଥାପିତ ସିଏସ୍‌ଏଫ୍ ପ୍ରୋଜେକ୍ଟ ଡାଇରେକ୍ଟର ଅନୁସ୍ତୁପ ନାୟକ ଏବେ ଏହି ଅଭିଯାନ ଚଳାଉଛନ୍ତି। ଏଥିରେ ‘ରୁମ୍ ଟୁ ରିଡ’ ଓ ଲାଙ୍ଗୁଏଜ ଆଣ୍ଡ ଲର୍ନିଂ ଫାଉଣ୍ଡେସନକୁ ପାର୍ଟନର ଭାବେ ସାମିଲ କରିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମର ଗୁଣବତ୍ତା ଡିଜାଇନ କରିବାରେ ଏମାନେ ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଫେବୃୟାରୀ ୧୯୯୮

- ଟାଡା ମାମଲାରେ ଦାଉଦ୍ ଇବ୍ରାହିମ୍‌ର ୪ ଜଣ ସହଯୋଗୀଙ୍କୁ ସୁପ୍ରିମ୍‌କୋର୍ଟ ୧୦ ବର୍ଷ ସକାଶେ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।
- କଂଗ୍ରେସକୁ ଏକ ବ୍ୟାବସାୟିକ କ୍ଳବ୍ ବୋଲି ବର୍ଣ୍ଣନା କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡି.କେ. ତାରା ଦେବୀ ସିଦ୍ଧାର୍ଥଙ୍କ କଂଗ୍ରେସ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା।

## ଚିରନ୍ତନୀ

ଜଗତେ ଯେହୁ ଯେତିକି ଦୀନ
ସକଳ ସୁଖ-ସୋହାଗ-ହୀନ
ନୟନବାରି କେବଳ ତା’ର ସମ୍ବଳ
ଯେ ଧନେ ଆଜି ଉଠଇ ଭରି ଅମ୍ବର। –(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku – ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | | | 1 |
| | | 7 | 9 | | 8 | | 4 | |
| | 5 | | | 2 | | | 8 | |
| | | 5 | | | | | 3 | |
| 7 | | | | | | 2 | 1 | 4 |
| 4 | 6 | | | | | 7 | | |
| | | 4 | | | | | 6 | |
| | | 6 | | | | 3 | 5 | 2 |
| | | | 5 | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 7 | 3 | 4 | 1 | 6 | 9 | 2 |
| 3 | 4 | 6 | 2 | 5 | 9 | 8 | 1 | 7 |
| 9 | 2 | 1 | 6 | 8 | 7 | 3 | 5 | 4 |
| 5 | 1 | 8 | 9 | 2 | 4 | 7 | 6 | 3 |
| 2 | 6 | 3 | 7 | 1 | 5 | 4 | 8 | 9 |
| 4 | 7 | 9 | 8 | 6 | 3 | 5 | 2 | 1 |
| 6 | 3 | 5 | 4 | 9 | 2 | 1 | 7 | 8 |
| 1 | 9 | 4 | 5 | 7 | 8 | 2 | 3 | 6 |
| 7 | 8 | 2 | 1 | 3 | 6 | 9 | 4 | 5 |

ଗତକାଲିର ଉତ୍ତର

# ଆମ ଚରିତ୍ର



ନାରାୟଣ ମିଶ୍ର

ଆନ୍ତର୍ଜାତିକସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଏକ ପ୍ରାଇଭେଟ୍ କମ୍ପାନୀର ମାଲିକ ଆମ ଦେଶକୁ ବୁଲିବାକୁ ଆସିଥିଲେ। ଗାଁଗୁଡ଼ିକର ଦୃଶ୍ୟ, କ୍ଷେତବାଡ଼ି ଓ ଲୋକଙ୍କ ଚାଲିଚଳଣ ଦେଖି ସେ ଅଭିଭୂତ ହୋଇଯାଇଥିଲେ। ଦିନେ ଦୁଇପଟେ କ୍ଷେତ ଥିବା ଏକ ଗ୍ରାମ୍ୟରାସ୍ତାରେ ଯାଉ ଯାଉ ତାଙ୍କ ଗାଡ଼ିର ଆଗଚକ ଦୁଇଟି କାଦୁଅ ଭର୍ତ୍ତି ହୋଇଥିବା ଏକ ଖାଲରେ ଗଳିପଡ଼ିଲା। ଅନନ୍ୟୋପାୟ ହୋଇ ସେ ଚାରିଆଡ଼କୁ ଆଖି ବୁଲାଇ ଦେଖିଲେ, ଦୂରରେ ଦୁଇଜଣ ଯୁବକ ତାଙ୍କ ଭିତରେ କଥା ହେଉଛନ୍ତି। ସେ ବଡ଼ପାଟିରେ ଡାକିବାରୁ ଯୁବକଦ୍ୱୟ ଦୌଡ଼ି ଦୌଡ଼ି ଆସିଲେ ଓ କାର୍‌ର ପଛପଟୁ ଠେଲି କାଦୁଅରୁ ଗାଡ଼ିଟିକୁ ପୁଣି ଭଲ ରାସ୍ତାକୁ ନେବା ବ୍ୟବସ୍ଥା କରିଦେଲେ। ଖୁସି ହୋଇ ଗାଡ଼ି ମାଲିକ କହିଲେ, ଶୁଣ ମୁଁ ତ ନିଶ୍ଚୟ କିଛି ପାରିଶ୍ରମିକ ଦେବି। କିନ୍ତୁ ତୁମର ପରୋପକାରର ନିଷ୍ଠା ଦେଖି ମୁଁ ତୁମ ଦୁହିଙ୍କୁ ମାସିକ ୫ ହଜାର ଟଙ୍କା ଲେଖାଁ ଚାକିରି ଦେବାକୁ ଭାବୁଛି- କ’ଣ ତୁମେ ରାଜି? ଉଭୟ ଏକ ସ୍ୱରରେ ମନାକଲେ। ଆଶ୍ଚର୍ଯ୍ୟ ହୋଇ ଗାଡ଼ି ମାଲିକ ପଚାରିଲେ- କାହିଁକି ? ପିଲା ଦୁଇଜଣ ଯାକ ନୀରବ ରହିଲେ। ବାରମ୍ବାର ପଚାରିବାରୁ ଜଣେ କହିଲା- ଆମକୁ ପାଞ୍ଚ ହଜାର ପୋଷେଇବ ନାହିଁ। ଗାଡ଼ି ମାଲିକ କହିଲେ- ହଉ, ସାତ ହଜାର ଦେଲେ ହେବ କି ? ଆର ପିଲାଟି କହିଲା- ସାର୍, ସତକଥା ହେଉଛି, ରାସ୍ତା କାଟିଛୁ ଆମେ, କାଦୁଅ ବି ଭର୍ତ୍ତିକରିଛୁ ଆମେ। ଦିନକୁ ଚାରି ପାଞ୍ଚଟି ଗାଡ଼ି ଏଠି ଗଳିପଡ଼ିଲେ ଆମେ ଦୁଇଜଣ ଦୁଇଶ ଟଙ୍କା ନେଇ ଗାଡ଼ି ଠେଲି ବାହାର କରିଦେଉଛୁ। ମାସକୁ ଦଶରୁ ପନ୍ଦର ହଜାର ପର୍ଯ୍ୟନ୍ତ ରୋଜଗାର ହେଉଛି – ମୋର ଦଶ ହଜାର ତା’ର ବି ସେତିକି- କାହିଁକି ପାଞ୍ଚ, ସାତ ହଜାରରେ ମୁଣ୍ଡ ବିକ୍ରିକରି କାହାର ଗୋଲାମଗିରି କରିବୁ ? ଏତକ ଶୁଣି ଗାଡ଼ି ମାଲିକଙ୍କ ମୁଣ୍ଡ ଘୂରେଇଦେଲା। ସେ ଭାବିପାରିଲେନି ଯେ ଲୋକ ଅନ୍ୟକୁ କୂଅ ମଧ୍ୟକୁ ଠେଲି ଦଉଡ଼ି ପକାଇ ଉଦ୍ଧାର କରି ପୁରସ୍କାର ମାଗିବା ଭଳି ବ୍ୟବସାୟ ବି କରିପାରନ୍ତି। ଗାଡ଼ି ମାଲିକ ଚବିଶ ଘଣ୍ଟା ଭିତରେ ଭାରତ ଛାଡ଼ି ତାଙ୍କ ଦେଶକୁ ବାହୁଡ଼ିଗଲେ। ଥରେ ଭାବନ୍ତୁ, ଆମ ଭାରତୀୟଙ୍କ ଚରିତ୍ର ସମ୍ବନ୍ଧରେ କିଭଳି ଧାରଣା ନେଇ ବିଦେଶୀ ଯାଉଥିବେ !!!

ଆମର ଲୋକେ ଏଭଳି ଯେ, ଟ୍ରେନ୍ ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର ନ କରି ମୃତବ୍ୟକ୍ତିମାନଙ୍କର ବ୍ୟାଗ୍, ମନିପର୍ସ ଓ ସୁନାଗହଣା ଲୁଟିନିଅନ୍ତି। ଜିନିଷଗୁଡ଼ିଏ ତିଆରି କଲେ କେତେଶୀଘ୍ର ସେଇଟି ଭାଙ୍ଗୁ ସେ ଚିନ୍ତାକରୁ କାରଣ ଜଲ୍‌ଦି ଭାଙ୍ଗିଲେ ହିଁ ଆମ ବେପାରଟି ଭଲ ଚାଲିବ। ମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ପିଚୁରାସ୍ତା ଖୋଳି ଗାତ କରି ଆମେ ବାଉଁଶ ପୋତି ତୋରଣ ସଜାଉ, କିନ୍ତୁ ତା’ ପରେ ସେ ଗାତ ପୋତିବା କଥା ଭୁଲିଯାଉ। ଶିକ୍ଷା, ସ୍ୱାସ୍ଥ୍ୟ ସବୁକିଛି ପ୍ରତିଷ୍ଠିତ ଶିଳ୍ପପତିଙ୍କ ହାତକୁ ଚାଲିଗଲାଣି। ନାଁ ଲେଖାଇବା ପାଇଁ ବର୍ଷକୁ ଲକ୍ଷାଧିକ ଟଙ୍କା ଗଣିବାକୁ ପଡୁଛି। ଦୁର୍ବଳ କାଗଜପତ୍ର, ଡୁପ୍ଲିକେଟ୍ ସୁନା ଓ ସ୍ଥାୟୀ ରସିଦ୍ ରଖି ଶିଳ୍ପପତିମାନେ ହଜାର ହଜାର କୋଟି ଟଙ୍କା ବ୍ୟାଙ୍କରୁ ଋଣ ନେଇଯାଉଛନ୍ତି। ସରକାରଙ୍କ ଅର୍ଥ ବିଭାଗର ଅଧିକାରୀଙ୍କ ଜାଣତରେ ଏ ସବୁ ହେଉଛି ଏବଂ ପରେ ଋଣଗ୍ରହୀତା ବିଦେଶକୁ ପଳେଇବାର ବ୍ୟବସ୍ଥା ବି ସରକାର କରୁଛନ୍ତି। ସେମାନେ ଯିବା ପରେ ସିବିଆଇକୁ କେସ୍ ଦେଇ ଲୋକଙ୍କୁ ଖୁସି କରାଯାଉଛି ଏବଂ ସେ ଋଣକୁ ଅନାଦାୟ ଋଣ ବୋଲି ଘୋଷଣା




କରି ରିଜର୍ଭ ବ୍ୟାଙ୍କରୁ ବ୍ୟାଙ୍କମାନଙ୍କୁ କୋଟି କୋଟି ଟଙ୍କା ଦେଇ କ୍ଷତି ଭରଣା କରାଯାଉଛି।

ସତ୍ୟେନ୍ଦ୍ର ନାଥ ଦୁବେ ନାମକ ଜଣେ ଯୁବ ଇଞ୍ଜିନିୟର ରେଳୱେରେ ନିଯୁକ୍ତି ପାଇବାର କିଛି ମାସ ମଧ୍ୟରେ ଜାଣିଗଲେ ଯେ, ଶତକଡା ଚାଳିଶ ଭାଗ ଯୋଜନା ଅର୍ଥ ହରିଲୁଟ୍ ହେଉଛି। ସେ ଏ ବିଷୟରେ ରେଲ୍‌ୱେର ସର୍ବୋଚ୍ଚ ଅଧିକାରୀ, କେନ୍ଦ୍ର ସରକାରଙ୍କ ଅର୍ଥ ବିଭାଗ ଓ ପ୍ରଧାନମନ୍ତ୍ରୀଙ୍କ ଦପ୍ତରକୁ ଲେଖି ଜଣାଇଲେ। ଜଣାଇବାର ଦୁଇ ତିନିଦିନ ମଧ୍ୟରେ ତାଙ୍କ ମୃତଦେହ ରେଳଲାଇନ୍‌ରୁ ଦୁଇଭାଗରେ କଟା ହେବା ଅବସ୍ଥାରେ ମିଳିଲା। କିଛି ବର୍ଷ ପୂର୍ବେ ଚିଫ୍ ଇଲେକ୍‌ଶନ କମିଶନର ଏନ୍. ଭିଟ୍ଟାଲଙ୍କ ଭାଷାରେ ୧୯୯୩ର ବମ୍ବେ ବିସ୍ଫୋରଣରେ ବ୍ୟବହୃତ ବିସ୍ଫୋରକ ଦ୍ରବ୍ୟ ସବୁକୁ ଦିଲ୍ଲୀ ବିମାନଘାଟିର କଷ୍ଟମ୍‌ସ ଅଫିସରମାନେ ସେତେବେଳେ କୋଡ଼ିଏ ଲକ୍ଷ ଟଙ୍କା ଲାଞ୍ଚ ନେଇ ବିସ୍ଫୋରକ ଆଣିଥିବା ଲୋକଙ୍କୁ ଭାରତ ପ୍ରବେଶ ଅନୁମତି ଦେଇଥିଲେ। ଏହା ଯଦି ସତ୍ୟ ହୁଏ, ଦେଶଟାକୁ ପୂରା ନଷ୍ଟ କରିବାକୁ ଆଉ ଅଧିକ ସମୟ ବୋଧେ ଲାଗିବନି।

ଆମ ଭିତରେ ଅନେକ ମିର୍ଜାଫର ଓ ଜୟଚନ୍ଦ୍ର ଅଛନ୍ତି। ହାକିମମାନଙ୍କ ଗୋଲାମଗିରି କରି ନିଜ ଜାତିଭାଇଙ୍କୁ ଶୋଷିବା ବା ମାରିବାରେ ଆମେ ସିଦ୍ଧହସ୍ତ, ନ ହେଲେ ଇଂରେଜମାନେ ବେପାର କରିବାକୁ ଲାଇସେନ୍ସ ପାଇ ଦୁଇଶହ ବର୍ଷ ଶାସନ କରି ଦେଶଟାକୁ ଲୁଟିଲେ କେମିତି ? ଗଣତନ୍ତ୍ର ଆଉ ନାହିଁ। ସମ୍ପୂର୍ଣ୍ଣ ରାଜତନ୍ତ୍ର ଆଡ଼କୁ ଆମେ ଆପଣେଇ ସାରିଲୁଣି। ମନ୍ତ୍ରୀ, ବିଧାୟକମାନଙ୍କ ପିଲାଙ୍କୁ ଗାଦି ଅକ୍ତିଆର କରିବାକୁ ସୁଯୋଗ ଦେବା ଏକ ଅଲିଖିତ ନିୟମ ହୋଇସାରିଲାଣି। ଆମର ଆଉ ଏକ ପ୍ରକୃତି ହେଲା, ବାଛବିଚାର କରିବା। ଯିଏ ବିରିୟାନି, ମାଛ, ମାଂସ ଖାଉଛି ଆମ ସରକାର ତା’ପାଇଁ ସରକାରୀ ରାଜକୋଷରୁ ବିଦେଶୀ ମଦର ବ୍ୟବସ୍ଥା କରାନ୍ତି ଆଉ ଯିଏ ପଖାଳ ସାଙ୍ଗରେ ଆଳୁଭର୍ତ୍ତା ଖାଉଥିଲା ତା’ ପାଇଁ ବିପିଏଲ୍ ଚାଉଳର ପଖାଳ ସହ ପିଆଜ ଲଙ୍କାର ବ୍ୟବସ୍ଥା କରାନ୍ତି।

କେବଳ ଏତିକି ନୁହେଁ, ସବୁ ଜିନିଷର ନକଲି ରୂପ ତିଆରି କରିବାରେ ଆମ ବୁଦ୍ଧି କିଛି କମ୍ କାମ କରୁନାହିଁ। ସର୍ଫ ଓ ତେଲରୁ କ୍ଷୀର ପ୍ରସ୍ତୁତ କରି ସେଥିରୁ ପନିର ତିଆରି କରି ଆମେ ଦୋକାନରେ କିଲୋ ପ୍ରତି ଶହେ ଟଙ୍କାରେ ଦେଉଛୁ ଓ ଦୋକାନୀ ସର୍ବସାଧାରଣଙ୍କୁ କିଲୋ ପିଛା ଦୁଇଶହ ଚାଳିଶରେ ବିକୁଛି, ଆମ ହୀନ ପ୍ରକୃତିର ଅନ୍ତ ନାହିଁ।

ଆମେ ପୂର୍ବଜନ୍ମରେ ମାଙ୍କଡ଼ ଥିଲୁ। ତେଣୁ ଭଡ଼ାଘରର କାନ୍ଥ ଗାରେଇବା, ଖଣ୍ଡିଆ କରିବା, କବାଟ ଝରକା ଭାଙ୍ଗିବାରେ ଆମେ ଶାନ୍ତି ପାଉ। କାହାର ନୂଆ ଗାଡ଼ି ଚକରେ କଣ୍ଟା ମାରିଦେବା, କାହା ସୋଫାସେଟ୍‌କୁ ନଖରେ କଣା କରିଦେବା, କାହାର ନୂଆ ଗାଡ଼ି ସିଟ୍‌ଟାକୁ କାଟିଦେବା ଇତ୍ୟାଦି କାମ ଆମ ଭିତରୁ ହିଁ କିଛି ଲୋକ କରନ୍ତି। ଅନ୍ୟର କ୍ଷତି କରି କ୍ଷଣିକ ଆନନ୍ଦ ପାଇବା କିଛି ଲୋକଙ୍କର ନିତିଦିନିଆ ଅଭ୍ୟାସ। ଆଉ କିଛି ଲୋକ ଗୈରିକ ବସନ ପିନ୍ଧି ଚିତା ଲଗାଇ ମାଳ ପକାଇ ଲୋକଙ୍କ ସମସ୍ୟା ଦୂର କରିବାକୁ ଟିଭି ମାଧ୍ୟମରେ ବାସ୍ତୁ ଓ ଜ୍ୟୋତିଷ ବେପାର କରୁଛନ୍ତି। ଲୋକେ ହଠାତ୍ ଉପରକୁ ଉଠିଯିବା ପାଇଁ ସେମାନଙ୍କ ଦ୍ୱାରମୁହଁରେ ନିଜର କଷ୍ଟ ଅର୍ଜିତ ଧନ ଅଜାଡ଼ି ଚାଲିଛନ୍ତି। ଆମେ ହୋଟେଲରେ ପଚାଶ, ଶହେ ଟଙ୍କା ବକ୍‌ସିସ୍ ଦେଉ କିନ୍ତୁ ଭିକାରୀକୁ ଯେଉଁ ପାଞ୍ଚ ଟଙ୍କା ବା ଦଶଟଙ୍କାକୁ ସେତିକିରେ ସୀମିତ ରଖିଥାଉ।

ଏ ସବୁ ଚରିତ୍ର ଏତେ ଅଧିକ ଯେ ଯେତିକି ଲେଖାଗଲା ତାହା ଏକ ଶତାଂଶରୁ ବି କମ୍। ଆମେ ସମସ୍ତେ ଏମିତି ଅନ୍ୟକୁ ଠକିବାକୁ ଚେଷ୍ଟା ଅବ୍ୟାହତ ରଖିଲେ ଏ ଦେଶ କେତେଦିନ ସ୍ୱାଧୀନ ରହିପାରିବ।

**ଗୁରୁକୃପା, ୪୯/୬୦୦, ଲକ୍ଷ୍ମୀବିହାର ଭୁବନେଶ୍ୱର, ମୋ-୯୯୩୭୪୪୬୩୭୭**

## ପାଠକ ଶ୍ରେଷ୍ଠ ବିଚାରକ

### ମୁକୁଳା ଡ୍ରେନ୍ ପ୍ରତି ଉଦାସୀନତା

ମହାଶୟ,

ସହରକୁ ସୁନ୍ଦର କରିବା ପ୍ରୟାସରେ ମୌଳିକ ଆବଶ୍ୟକତାକୁ ସରକାର ପାସୋରି ଦେଲେଣି। ରାସ୍ତାଘାଟ ରଙ୍ଗ ବେରଙ୍ଗ କରି ଗଢିତୋଳିଲେ। ରାସ୍ତାପାର୍ଶ୍ୱ ପାଚେରିରେ ସବୁ ଚିତ୍ର ଆଙ୍କିଲେ। ବୃକ୍ଷରାଜିଗୁଡ଼ିକୁ ରାସ୍ତା ସନ୍ନିକଟରେ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କଲେ। କିନ୍ତୁ ସହରର କେତେକ ମୁଖ୍ୟ ମୁକୁଳା ଡ୍ରେନ୍‌କୁ ବନ୍ଦ କରାଯାଇ ପାରିଲା ନାହିଁ। ଏହି ଅସାବଧାନତାରୁ ପରିଣାମ ସ୍ୱରୂପ ଏକ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ବିଦେଶୀ ଫଟୋ ଆହତ ହୋଇଛନ୍ତି। ପର ମୁହୂର୍ତ୍ତରେ ସେ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ଯାଇ ଚିକିତ୍ସିତ ହୋଇଥିଲେ। ବିଭାଗୀୟ ଅବହେଳାରୁ ମୁକୁଳା ଡ୍ରେନ୍‌ରେ ସ୍ଲାବ ପଡ଼ି ପାରୁନାହିଁ। ରାଜଧାନୀରେ ଡ୍ରେନ୍ ଆଜି ବି ଅବହେଳିତ। ଯାହାକି କେତେବେଳେ କୌଣସି ପ୍ରକାର ଅଘଟଣକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ପ୍ରଶାସନ ଏବଂ ବିଭାଗୀୟ କର୍ତ୍ତୃପକ୍ଷ ରାଜଧାନୀରେ ଥିବା ସମସ୍ତ ମୁକୁଳା ଡ୍ରେନ୍ ଏବଂ ରାସ୍ତାରେ ଥିବା ଖାଲଖମାକୁ ତୁରନ୍ତ ମରାମତି କରିବା ଆବଶ୍ୟକ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଣ୍ଡକୋପନିଷଦ୍‌ର ପ୍ରତିପାଦ୍ୟ ସିଦ୍ଧାନ୍ତ



ଡା. ଗୋପାଳ ଚନ୍ଦ୍ର ଦାଶ

ଅଥର୍ବ ବେଦର ଶୌନକ ଶାଖାରୁ ଆନୀତ ତିନି ଅଧ୍ୟାୟ ବିଶିଷ୍ଟ ମୁଣ୍ଡକ ଉପନିଷଦର ମନ୍ତ୍ରସଂଖ୍ୟା ଚଉଷଠି। ଗୁରୁଶିଷ୍ୟ ପରମ୍ପରାରେ ଆଧାରିତ ଋଷି ଅଙ୍ଗିରା ଶିଷ୍ୟ ଶୌନକଙ୍କୁ ପ୍ରଦାନ କରିଥିବା ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ ଜ୍ଞାନ ଏହି ଉପନିଷଦର ବିଷୟବସ୍ତୁ। ମୁଣ୍ଡକ ଉପନିଷଦ ମୁଖ୍ୟତଃ ତିନିଗୋଟି ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ-ବ୍ରହ୍ମବିଦ୍ୟା, ବ୍ରହ୍ମଙ୍କ ସ୍ୱରୂପ ଓ ବ୍ରହ୍ମପ୍ରାପ୍ତିର ମାର୍ଗ। ବ୍ରହ୍ମବିଦ୍ୟା ଦୁଇ ପ୍ରକାର-ପରାବିଦ୍ୟା ଓ ଅପରାବିଦ୍ୟା। ଚାରିବେଦ (ଋକ୍, ଯଜୁଃ, ସାମ, ଅଥର୍ବ) ଓ ଷଡ଼ ବେଦାଙ୍ଗ (ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ) ସମ୍ବନ୍ଧୀୟ ଜ୍ଞାନ ହେଉଛି ଅପରାବିଦ୍ୟା। ନିରାକାର ବ୍ରହ୍ମଙ୍କୁ ପାଇବାର ମାର୍ଗ ହେଉଛି ପରାବିଦ୍ୟା। ପରାବିଦ୍ୟାକୁ ଜାଣିବାକୁ ହେଲେ ପ୍ରଥମେ ଅପରାବିଦ୍ୟା ସମ୍ବନ୍ଧରେ ଜ୍ଞାନ ହେବା ଆବଶ୍ୟକ। ଅପରାବିଦ୍ୟା ଶାସ୍ତ୍ର ସମ୍ବନ୍ଧୀୟ ପରୋକ୍ଷ ଜ୍ଞାନ, ମାତ୍ର ପରାବିଦ୍ୟା ଅନୁଭୂତିପୂର୍ଣ୍ଣ ପ୍ରତ୍ୟକ୍ଷ ଜ୍ଞାନ। ଅପରାବିଦ୍ୟା କର୍ମ କୈନ୍ଦ୍ରିକ, ପରାବିଦ୍ୟା ଆତ୍ମଜ୍ଞାନ କୈନ୍ଦ୍ରିକ। ଅପରାବିଦ୍ୟାର ଫଳ ବିଭିନ୍ନ କର୍ମକାଣ୍ଡ ଦ୍ୱାରା ମିଳିଥିବା ବେଳେ ପରାବିଦ୍ୟାର ଫଳ ଅନ୍ତର୍ନିହିତ ବିବେକ, ବିଚାର, ବୈରାଗ୍ୟ ଓ ଅଭ୍ୟାସ ଦ୍ୱାରା ପ୍ରାପ୍ତ ହୋଇଥାଏ। ଅପରାବିଦ୍ୟା ବନ୍ଧନ (ପୁନର୍ଜନ୍ମ)ର କାରଣ ହୋଇଥିବାବେଳେ ପରାବିଦ୍ୟା ମୁକ୍ତି (ମୋକ୍ଷ)ର ମାର୍ଗ।

ଶାସ୍ତ୍ର ବିଧି ଅନୁସାରେ ଇଷ୍ଟ (ଯାଗ-ଯଜ୍ଞାଦି ସକାମ କର୍ମ) ଓ ଆପୂର୍ତ୍ତ (ଯଶ ପ୍ରାପ୍ତି ପାଇଁ କର୍ମ) ଆଦି କର୍ମ ସମ୍ପାଦନ ଦ୍ୱାରା ଅସ୍ଥାୟୀ ସାଂସାରିକ ସୁଖ ମିଳିଥାଏ। ମାତ୍ର ଏହାଦ୍ୱାରା ବ୍ରହ୍ମ ଦର୍ଶନ ହୋଇପାରି ନ ଥାଏ। ଦଦରା ନାବ ସମୁଦ୍ର ପାର କରିବାରେ ଅସମର୍ଥ ପରି ବିଭିନ୍ନ କର୍ମକାଣ୍ଡ ଅମୃତତ୍ୱ ପ୍ରାପ୍ତି କରିବାରେ ଅସମର୍ଥ। କର୍ମକାଣ୍ଡି ପୁରୋହିତମାନେ ଯଜମାନରୂପୀ ଶିଷ୍ୟକୁ ସତ୍‌ମାର୍ଗ ଦେଖାଇବାରେ ଅସମର୍ଥ। ବ୍ରହ୍ମର ସ୍ୱରୂପକୁ ବର୍ଣ୍ଣନା କରି ଋଷି କହିଛନ୍ତି, ଯେଉଁ ତତ୍ତ୍ୱ ଅଦୃଶ୍ୟ, ଅଗ୍ରାହ୍ୟ, ଗୋତ୍ର ରହିତ, ବର୍ଣ୍ଣ ରହିତ, ନାମ ରହିତ, ଚକ୍ଷୁ ଓ କର୍ଣ୍ଣ ରହିତ, ନିତ୍ୟ, ବିଭୁ, ସର୍ବଗତ, ଅବ୍ୟକ୍ତ, ଅବ୍ୟୟ ଓ ଅତ୍ୟନ୍ତ ସୂକ୍ଷ୍ମ-ସେ ହେଉଛନ୍ତି ବ୍ରହ୍ମ। ଋଷି ବ୍ରହ୍ମଙ୍କୁ ବିରାଟ ପୁରୁଷ ଭାବରେ ବର୍ଣ୍ଣନା କରି ସମଗ୍ର ବ୍ରହ୍ମାଣ୍ଡକୁ ତାଙ୍କର ଶରୀର ଭାବରେ କଳ୍ପନା କରିଛନ୍ତି। ସେହି ବିରାଟ ପୁରୁଷଙ୍କର ଦ୍ୟୌଲୋକ ମସ୍ତିଷ୍କ, ଅନ୍ତରୀକ୍ଷ ହୃଦୟ, ପୃଥିବୀ ପାଦ, ସୂର୍ଯ୍ୟ-ଚନ୍ଦ୍ର ଚକ୍ଷୁ, ଦିଗଗଣ ଶ୍ରୋତ୍ର, ବେଦ ଜ୍ଞାନ ବାଣୀ ଓ ବାୟୁ ପ୍ରାଣ। ଏହାର ଅର୍ଥ ବିଶ୍ୱ ବ୍ରହ୍ମାଣ୍ଡ। ସମସ୍ତ ଚର ଓ ଅଚର ଜଗତ ବ୍ରହ୍ମଙ୍କର ଅଂଶବିଶେଷ। ବ୍ରହ୍ମାଙ୍କଠାରୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି। ଉଦାହରଣ ମାଧ୍ୟମରେ ଋଷି ବର୍ଣ୍ଣନା କରି କହିଛନ୍ତି ଯେ, ବୁଢିଆଣି ଯେପରି ନିଜେ ଅପରିବର୍ତ୍ତିତ ରହି ନିଜର ଶରୀରରୁ ନିର୍ଗତ ଲାଳରୁ ଜାଲ ନିର୍ମାଣ କରେ ଓ ପୁନର୍ବାର ନିଜ ଇଚ୍ଛା ଅନୁସାରେ ତାହାକୁ ଗର୍ଭସ୍ଥ କରେ, ଠିକ୍ ସେହିପରି ବ୍ରହ୍ମ ନିଜ ଇଚ୍ଛା ଶକ୍ତିରେ ସୃଷ୍ଟି ନିର୍ମାଣ କରନ୍ତି ଓ କାଳାନ୍ତେ ଏହାର ବିନାଶ କରିଥାଆନ୍ତି।

ଅଗ୍ନିରୁ ସୃଷ୍ଟି ସ୍ଫୁଲିଙ୍ଗ ଅଗ୍ନିରେ ପୁନଃ ପ୍ରବେଶ ତଥା ସମୁଦ୍ର ଜଳରୁ ସୃଷ୍ଟି ତରଙ୍ଗ ସମ୍ବନ୍ଧରେ ସମୁଦ୍ରରେ ପୁନଃ ନିର୍ଲିପ୍ତ ହେବାପରି ସମସ୍ତ ଚର ଓ ଅଚର ଜଗତ ବ୍ରହ୍ମାଙ୍କଠାରୁ ସୃଷ୍ଟି ହୋଇ ପୁନର୍ବାର ବ୍ରହ୍ମରେ ଲୀନ ହୋଇଥାଆନ୍ତି। ବୀଜର ଗୁଣ ଅନୁସାରେ ଯେପରି ବିଭିନ୍ନ ପ୍ରକାର ବୃକ୍ଷଲତା ଜନ୍ମନିଅନ୍ତି, ଠିକ୍ ସେହିପରି ଆତ୍ମା ନିଜ ପୂର୍ବ ଜନ୍ମର କର୍ମଫଳ ଅନୁସାରେ ବିଭିନ୍ନ ପ୍ରକାର ଯୋନିରେ ଜନ୍ମ ନେଇଥାଏ। ଅର୍ଥାତ୍ ବ୍ରହ୍ମ ଜୀବର କର୍ମଫଳ ଦାତା ଅଟନ୍ତି। ଜୀବନ୍ତ ବ୍ୟକ୍ତିର ଶରୀରରେ ନଖ ଓ ଲୋମ ଆପେ ଆପେ ସୃଷ୍ଟି ହେବାପରି ବ୍ରହ୍ମଙ୍କର ମାୟାଶକ୍ତି ସାହାଯ୍ୟରେ ସମଗ୍ର ଜଗତ ସୃଷ୍ଟି ହୋଇଥାଏ। ବ୍ରହ୍ମ ସୃଷ୍ଟିର ନିମିତ୍ତ କାରଣ ହୋଇଥିବା ବେଳେ ପ୍ରକୃତି ସୃଷ୍ଟିର ଉପାଦାନ କାରଣ। ଆତ୍ମା ଓ ବ୍ରହ୍ମ ଅଭେଦ୍ୟ ହେଲେ ମଧ୍ୟ ଶରୀରରୂପୀ ବୃକ୍ଷରେ ଉଭୟେ ଯଥାକ୍ରମେ ଭୋକ୍ତା ଓ ଦ୍ରଷ୍ଟା ଭାବରେ ବିଦ୍ୟମାନ। ଆତ୍ମାକୁ ଆଶ୍ରୟ କରି ପଞ୍ଚପ୍ରାଣ ଶରୀରକୁ ଜୀବିତ ରଖିଥାଆନ୍ତି। ଏହି ଆତ୍ମା ମନୁଷ୍ୟ ଶରୀରର ହୃଦୟ ଗୁମ୍ଫାରେ ସୂକ୍ଷ୍ମ ଶକ୍ତି ଭାବରେ ବିଦ୍ୟମାନ। ବ୍ରହ୍ମପ୍ରାପ୍ତି ସମ୍ବନ୍ଧରେ ଋଷି କହିଛନ୍ତି ଯେ, ଜିଜ୍ଞାସୁ ଶିଷ୍ୟ ନିଜର ବିବେକକୁ ଜାଗ୍ରତ କରି ତପୋନିଷ୍ଠ, ବ୍ରହ୍ମନିଷ୍ଠ ଓ ଶ୍ରୋତ୍ରିୟ ଗୁରୁଙ୍କଠାରୁ ଶ୍ରଦ୍ଧାର ସହିତ ସଦ୍‌ଜ୍ଞାନ ଆହରଣ କରି ନିରନ୍ତର ଅଭ୍ୟାସ ଓ ବୈରାଗ୍ୟର ପନ୍ଥା ଅବଲମ୍ବନ କଲେ ବ୍ରହ୍ମପ୍ରାପ୍ତି ପାଇଁ ସକ୍ଷମ ହୋଇଥାଏ। ଆତ୍ମଉପଲବ୍ଧି ପାଇଁ ସତ୍ୟ, ଶ୍ରଦ୍ଧା, ତପ, ବ୍ରହ୍ମଚର୍ଯ୍ୟ ତଥା ଯଥାର୍ଥ ଜ୍ଞାନ ଏକାନ୍ତ ଆବଶ୍ୟକ। ଅଧ୍ୟୟନ, ଅଧ୍ୟାପନା, ମନ୍ତ୍ରପାଠ ଓ ପାଣ୍ଡିତ୍ୟରୁ ଆତ୍ମଜ୍ଞାନ ମିଳି ନ ଥାଏ। ହୃଦୟରେ ଅନାବିଳ ଭକ୍ତିଭାବ ସଂଚାରିତ ହେଲେ ପରମାତ୍ମା ସ୍ୱୟଂ ନିଜର ସ୍ୱରୂପ ପ୍ରକାଶ କରିଥାଆନ୍ତି। ପ୍ରଭୁଭକ୍ତି ସହିତ ଶାରୀରିକ ଓ ମାନସିକ ସ୍ତରରେ ବଳବାନ ବ୍ୟକ୍ତି ବ୍ରହ୍ମପ୍ରାପ୍ତି ପାଇଁ ଯୋଗ୍ୟ ଅଟନ୍ତି। ଆଡ଼ମ୍ବରପୂର୍ଣ୍ଣ ଜୀବନ ପ୍ରଭୁପ୍ରାପ୍ତିରେ ପ୍ରତିବନ୍ଧକ। ଶରୀରକୁ କଷ୍ଟ ଦେଇ ବା ବିଭିନ୍ନ ଯାଗଯଜ୍ଞାଦି କର୍ମକାଣ୍ଡ ଦ୍ୱାରା ବ୍ରହ୍ମପ୍ରାପ୍ତି କରିବା କଷ୍ଟସାଧ୍ୟ। ଉପନିଷଦରେ ବର୍ଣ୍ଣିତ ପ୍ରଣବ (ଓଁକାର) ଜପ ଦ୍ୱାରା ମନ ଶାନ୍ତ ଓ ନିଶ୍ଚଳ ହେବା ଦ୍ୱାରା ଆତ୍ମା ପରମାତ୍ମାଙ୍କର ସମିପବର୍ତ୍ତୀ ହୋଇଥାଏ। ଋଷି ପ୍ରଣବକୁ ମହାସ୍ତ୍ର (ଧନୁ), ଆତ୍ମାକୁ ଶର ଓ ବ୍ରହ୍ମକୁ ଲକ୍ଷ୍ୟ ଭାବରେ ବର୍ଣ୍ଣନା କରିଛନ୍ତି। ନଦୀଗୁଡ଼ିକ ସମୁଦ୍ରରେ ମିଶିବା ପରେ ଯେପରି ନିଜର ନାମ ଓ ରୂପକୁ ହରାଇ ବସନ୍ତି, ଠିକ୍ ସେହିପରି ବ୍ରହ୍ମପ୍ରାପ୍ତି ବ୍ୟକ୍ତି ନିଜର ଅସ୍ତିତ୍ୱ ହରାଇ ସ୍ୱୟଂ ବ୍ରହ୍ମ ପାଲଟିଯାଇଥାଏ। ଜୀବାତ୍ମା ଓ ପରମାତ୍ମାର ମିଳନ ହେଉଛି ପରମ ସାମ୍ୟତା। ଏହି ଅବସ୍ଥାରେ ଜଗତର ବିବିଧତା ଓ ବିଭିନ୍ନତା ଉଭେଇ ଯାଇଥାଏ। ଆଧାତ୍ମିକ କ୍ଷୁଧା ଆସିଲେ ବ୍ରହ୍ମ ଦର୍ଶନର ପଥ ସୁଗମ ହୋଇଥାଏ। ଏହା ହେଉଛି ମୁଣ୍ଡକ ଉପନିଷଦର ପ୍ରତିପାଦ୍ୟ ସିଦ୍ଧାନ୍ତ।

**ମୋ: ୭୮୪୮୮୫୦୯୫୦**

**ଚୋରି ଘଟଣାରେ ଯୁବକ ଗିରଫ, ସ୍କୁଟି ଜବତ**

ନବରଙ୍ଗପୁର,(ବି.ପ୍ର.)- ସ୍କୁଟି ଚୋରି ଘଟଣାରେ ଡମ୍ବୁ ଭାତରା ନାମକ ଜଣେ ଯୁବକଙ୍କୁ ନବରଙ୍ଗପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଡମ୍ବୁଙ୍କ ଠାରୁ ଚୋରି ହୋଇଥିବା ସ୍କୁଟି ଜବତ କରାଯାଇଛି। ଏନେଇ କେସ ନମ୍ବର ୬୧/୨୩ ରେ ଏକ ମାମଲା ରୁଜୁ କାରାଯାଇ ତଦନ୍ତ ଚାଲିଛି। ନବରଙ୍ଗପୁର ସହର ଦଣ୍ଡାସି ସାହିର ରାମ ହରିଜନଙ୍କ ଘରୁ ଜାନୁଆରୀ ୩୧ରେ ସ୍କୁଟି ଚୋରି ହୋଇଥିଲା। ପୋଲିସ ମାମଲା ରୁଜୁ କରି ଏଏସ୍ଆଇ ଗୁଣନିଧି ବାଘଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲା। ହିର୍ଲି ନିକଟ ଖଡ଼ିଆଗୁଡା ଗାଁର ଡମ୍ବୁ ସ୍କୁଟି ଚୋରି କରିଥିବା ଜାଣି ପୋଲିସ ପଚରାଉଚରା କରିଥିଲା। ଗାଡ଼ି ଚୋରି କରିଥିବା ଡମ୍ବୁ ସ୍ୱୀକାର କରିଥିଲେ। ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ପୂର୍ବରୁ ଡମ୍ବୁଙ୍କ ନାମରେ ୩ଟି ମାମଲା ରହିଛି ବୋଲି ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ଅଳିଆ ଉଠା ଗାଡ଼ି ଉଦ୍‌ଘାଟନକଲେ ବିଧାୟକ

କୋରାପୁଟ,୨।୨(ସ୍ୱ.ପ୍ର.)- କୋରାପୁଟ ମ୍ୟୁନିସିପାଲିଟି ପାଇଁ ଚନ୍ଦନ ସିକ୍ୟୁରିଟି ସର୍ଭିସ୍ ନାମକ ଏକ ଠିକା ସଂସ୍ଥା ପରିମଳ ଦାୟିତ୍ୱ ଭାର ନେଇଛି। କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଳିଆ ଆବର୍ଜନା ଉଠାଇବା ଗାଡ଼ିଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଠିକା ସଂସ୍ଥା ପକ୍ଷରୁ ସୁରକ୍ଷା କିଟ୍ ଓ ପୋଷାକ ଝାଡୁଦାରମାନଙ୍କୁ ପ୍ରଦାନ କରାଯାଇଥିଲା। କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧକ୍ଷା ସବିତା ପଣ୍ଡା ଓ ସମସ୍ତ କାଉନସିଲର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିପୂର୍ବରୁ ଝାଡୁଦାରମାନେ ପ୍ରାପ୍ୟ ବୃଦ୍ଧି କରିବା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ବୁଧବାର ସକାଳେ ସହରର ଅଳିଆ ଆବର୍ଜନା ସଫା ନ ହୋଇ ପଡ଼ି ରହିଥିଲା। ଅଧକ୍ଷଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରତିଶ୍ରୁତି ମିଳିବା ପରେ ଝାଡୁଦାରମାନେ କାର୍ଯ୍ୟ କରିବେ ବୋଲି ଅଧକ୍ଷ କହିଛନ୍ତି।

### ଆସିଲେନି କାଉନ୍‌ସିଲର, ବାତିଲ ହେଲା ବୈଠକ



ଉମରକୋଟ,୨।୨(ସ୍ୱ.ପ୍ର.)- ଉମରକୋଟ ପୌର ପରିଷଦର ପଞ୍ଚମ ସାଧାରଣ ବୈଠକ ବାତିଲ ହୋଇଛି। ପୂର୍ବରୁ ପୌରାଧକ୍ଷା ରାଧା ଭତ୍ରା ଗୁରବାର ସାଧାରଣ ବୈଠକ କରିବା ପାଇଁ ପତ୍ର ମାଧମରେ ସମସ୍ତ କାଉନସିଲର ଏବଂ କର୍ମଚାରୀଙ୍କୁ ଜଣାଇଥିଲେ। ତଥାପି ମଧ ବୈଠକରେ ମାତ୍ର ଅଳ୍ପ କେଜେଜଣ କାଉନ୍ସିଲରଙ୍କୁ ଛାଡି ଦେଲେ ଅଧିକାଂଶ ବୈଠକରେ ଅନୁପସ୍ଥିତ ଥିଲେ। ବାଧ ହୋଇପୌରାଧକ୍ଷା ବୈଠକକୁ ବାତିଲ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଜୟପୁର ଗସ୍ତ ରହିଥିବା ଯୋଗୁ ଉପାଧକ୍ଷ ଓ କେତେଜଣ କାଉନସିଲର ସେଠାକୁ ଯାଇଛନ୍ତି ତେଣୁ ସାଧାରଣ ବୈଠକ ବାତିଲ କରାଯାଇଛି ବୋଲି ଅଧକ୍ଷା କହିଛନ୍ତି। ତେବେ, ଯେଉଁ ଦିନ ସମସ୍ତ କାଉନ୍ସିଲର ଉପସ୍ଥିତ ରହିବେ ସେହିଦିନ ଆଉ ଥରେ ବୈଠକ କରାଯିବ ବୋଲି ଅଧକ୍ଷା ପ୍ରକାଶ କରିଛନ୍ତି।

# ‘ଅଞ୍ଚଳବାସୀ ଶୀଘ୍ର ନ୍ୟାୟ ପାଇବା ସହଜ ହେବ’

## କୋରୁକୋଣ୍ଡାରେ ଗ୍ରାମ୍ୟ ନ୍ୟାୟାଳୟ ଉଦ୍‌ଘାଟିତ

ମାଲକାନଗିରି,୨।୨(ଡି.ଏନ୍.ଏ.):

ମାଲକାନଗିରି ଜିଲା କୋରୁକୋଣ୍ଡା ଠାରେ ନବ ନିର୍ମିତ ଗ୍ରାମ ନ୍ୟାୟାଳୟ ଗୁରୁବାର ଉଦଘାଟିତ ହୋଇଯାଇଛି। ହାଇକୋର୍ଟର ପ୍ରଧାନ ବିଚାରପତି ଡ. ଏସ୍. ମୁରଲୀଧର ପ୍ରଥମ ଥର ପାଇଁ ଭର୍ଚୁଆଲରେ ଏହାର ଉଦ୍‌ଘାଟନ କରିଛନ୍ତି। ପ୍ରଧାନ ବିଚାରପତି ତାଙ୍କ ଅଭିଭାଷଣରେ କହିଛନ୍ତି, ଏବେ କୋରୁକୋଣ୍ଡା ବ୍ଲକର ଜନସାଧାରଣ ନ୍ୟାୟର ଅଭିଜ୍ଞତା ସହଜରେ ଜାଣିପାରିବେ। ଏହି ନ୍ୟାୟାଳୟ ଖୋଲିବା ଦ୍ୱାରା ଅଞ୍ଚଳବାସୀ ଶୀଘ୍ର ନ୍ୟାୟ ପାଇବା ସହଜ ହେବ। ଉଦଘାଟନୀ ସମାରୋହରେ ହାଇକୋର୍ଟର ବିଚାରପତି ଏମ୍. ଏସ. ରମଣ, ଜିଲା ବିଚାରପତି ଅଜନ୍ତା ଷଡ଼ଙ୍ଗୀ, ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନୀ, ଅତିରିକ୍ତ ଜିଲା ବିଚାରପତି ଉଦୟଭାନୁ ଜେନା, ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ ସତ୍ୟପ୍ରିୟ ଦାସ, ବରିଷ୍ଠ ସିଭିଲ୍ ଜର୍ଜ ବିଜୟ କୁମାର ଦାସ, ରେଜିଷ୍ଟ୍ରାର ଅନୁପ ନାୟକ, ଏସ୍‌ଡିଜେଏମ୍ ରୁଦ୍ର ପ୍ରକାଶ ନାୟକ, ଡିଏଲ୍ଏସ୍ଏର ସଚିବ ରାକେଶ କୁମାର ମୁଦୁଲି, କୋରୁକୋଣ୍ଡା ଗ୍ରାମ୍ୟ ନ୍ୟାୟାଳୟର ବିଚାରପତି ଦେବେନ୍ଦ୍ର ନାଥ ବାଘ, ବାର୍ ଏସୋସିଏଶନର ସଭାପତି ପ୍ରକାଶ ମହାନ୍ତି ଓ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।



ଭର୍ଚୁଆଲ ଉଦ୍‌ଘାଟନୀ ସମାରୋହରେ ହାଇକୋର୍ଟର ପ୍ରଧାନ ବିଚାରପତି ଡ. ଏସ୍. ମୁରଲୀଧର।

# ବନ୍ଦ ଫାଣ୍ଡିରୁ ଅପରାଧର ବ୍ଲୁ ପ୍ରିଣ୍ଟ

ରାୟଗଡ଼ା,୨।୨(ସ୍ୱ.ପ୍ର.)

## ରାୟଗଡ଼ାରୁ ପରିଚାଳନା ହେଉଛି ପଡ଼ୋଶୀ ଜିଲାର ଅପରାଧ

ରାୟଗଡ଼ା ସହର ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହିଠାରୁ ଜିଲା ସମେତ ପଡ଼ୋଶୀ କୋରାପୁଟ, ଗଜପତି ଏବଂ କନ୍ଧମାଳ ଜିଲାରେ ଘଟୁଥିବା ଆପରାଧିକ କାର୍ଯ୍ୟକଳାପର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେଉଛି। ବନ୍ଦ ପଡ଼ିଥିବା ଏକ ଫାଣ୍ଡିରୁ ଆପରାଧିକ କାର୍ଯ୍ୟକଳାପ ପରିଚାଳନା ହେଉଥିବା ଅଭିଯୋଗ ହେଉଛି। ହେଲେ ଏହି ପୁରୁଣା ଫାଣ୍ଡି କୋଠା ବିଷୟରେ ରାୟଗଡ଼ା ଟାଉନ ଥାନା ଅଧିକାରୀଙ୍କ ନିକଟରେ କୌଣସି ସୂଚନା ନାହିଁ।

ସୂଚନାଯୋଗ୍ୟ, ରାୟଗଡ଼ା ସହର ମଧ୍ୟରେ ଦୀର୍ଘ ବର୍ଷ ହେଲା ଚାଲିଥିବା ଏକ ଫାଣ୍ଡି କିଛିଦିନ ତଳେ ବନ୍ଦ କରାଯାଇଛି। ଥାନା ଅପ୍‌ଗ୍ରେଡ୍ ହେବା ପରେ ଉକ୍ତ ଫାଣ୍ଡିର ଆବଶ୍ୟକତା ନ ପଡ଼ିବାରୁ ଗୃହ ବିଭାଗ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିଲା। ତେବେ ଏହି ଫାଣ୍ଡି ବନ୍ଦହେବା ପରେ ପୋଲିସ ପ୍ରଶାସନର ଅବହେଳା ଯୋଗୁ ତାହା ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଅପରାଧୀମାନେ ଏହି ପୁରୁଣା କୋଠାକୁ ଜବରଦଖଲ କରି ଅପରାଧର ଯୋଜନା ପ୍ରସ୍ତୁତ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟଠାରେ ଏକ ଆପରାଧିକ ମାମଲାର ପର୍ଦ୍ଦାଫାଶକୁ ନେଇ ହୋଇଥିବା ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧି ଉକ୍ତ କୋଠାରେ ଅପରାଧର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି ନେଇ ପ୍ରଶ୍ନ କରିଥିଲେ। ଏହା ଶୁଣି ଏସ୍‌ପି ବିବେକାନନ୍ଦ ଶର୍ମା ଆଶ୍ଚର୍ଯ୍ୟ ହୋଇଥିଲେ। ଏଠାରେ ଏକ ଫାଣ୍ଡି ରହିଥିଲା ଏବଂ ତାହା ଏବେ ବନ୍ଦ ପଡ଼ିଥିବା ନେଇ ତାଙ୍କ ପାଖରେ କିମ୍ବା ଟାଉନ ଥାନା ଅଧିକାରୀଙ୍କ ନିକଟରେ କୌଣସି ସୂଚନା ନ ଥିବା ଜଣାପଡ଼ିଥିଲା। ତେବେ ଏହାର ଅନୁସନ୍ଧାନ କରାଯାଇ ଉକ୍ତ ପୁରୁଣା ଫାଣ୍ଡି କୋଠାକୁ ପୋଲିସ ଅଧୀନକୁ ଆଣି ବ୍ୟବହାର କରାଯିବ ବୋଲି ଏସ୍‌ପି ଶର୍ମା କହିଛନ୍ତି। କେବଳ ଏହି ବନ୍ଦ ଫାଣ୍ଡି ନୁହେଁ, ତାହା ନିକଟରେ ଥିବା ଜିଲା କୋଷାଗାର ବିଭାଗର ୩ କ୍ୱାର୍ଟର୍ସ ମଧ୍ୟ ଅପରାଧୀମାନେ ଜବରଦଖଲ କରି ରଖିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ହେଲେ କୋଷାଗାର ବିଭାଗ କର୍ତ୍ତୃପକ୍ଷ ଏ ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଏହି ୩ କ୍ୱାର୍ଟର୍ସ ନିକଟରେ ଅତିରିକ୍ତ ଏସ୍‌ପିଙ୍କ କ୍ୱାର୍ଟର୍ସ ରହିଛି। ଥାନାଠାରୁ ମାତ୍ର ୧୦୦ ମିଟର ପରିଧି ମଧ୍ୟରେ ଏସବୁ ଚାଲିଛି। ହେଲେ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଅସାମାଜିକ କାର୍ଯ୍ୟକଳାପ ବଢୁଛି ବୋଲି ମତପ୍ରକାଶ ପାଉଛି। ରାୟଗଡ଼ା ହେଉଛି ଜିଲା ସଦର ମହକୁମା। ଏଠାରେ ଜିଲା ପୋଲିସ ମୁଖ୍ୟାଳୟ, ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ଏବଂ ଟାଉନ ଥାନା ରହିଛି। ଏଠାରେ ବରିଷ୍ଠ ପୋଲିସ ଅଧିକାରୀ ମଧ୍ୟ ରହୁଛନ୍ତି। ତଥାପି ପୋଲିସ ବିଭାଗର ବନ୍ଦ କୋଠା ଜବରଦଖଲରେ ରହିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉକ୍ତ କୋଠାକୁ ପୋଲିସ ଶୀଘ୍ର ନିଜ ଦଖଲକୁ ନେବା ସହ ଅପରାଧ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

### ଶଙ୍କରାଚାର୍ଯ୍ୟଙ୍କ ଗସ୍ତ ନେଇ ଖବରଦାତା ସମ୍ମିଳନୀ

ଜୟପୁର, ୨।୨(ନି.ପ୍ର.)

ଅବିଭକ୍ତ କୋରାପୁଟ ଜିଲା ଗ୍ରସ୍ତରେ ଆସୁଛନ୍ତି ଜଗତ ଗୁରୁ ଶଙ୍କରାଚାର୍ଯ୍ୟ। ଶୁକ୍ରବାର ସେ ପ୍ରଥମେ ସକାଳ ୬.୪୫ରେ ରାୟଗଡ଼ା ଜିଲା ମୁନିଗୁଡ଼ାରେ ପହଞ୍ଚିବେ। ଦିନ ୧୧.୩୦ମିନିଟରେ ମୁନିଗୁଡ଼ାସ୍ଥିତ ଲକ୍ଷ୍ମୀପୂଜା ପଡିଆଠାରେ ହିନ୍ଦୁ ରାଷ୍ଟ୍ର ଧର୍ମ ସଭାରେ ଉପସ୍ଥିତ ରହିବେ। ୪ ଶନିବାର ମୁନିଗୁଡାରୁ ବାହାରି ସନ୍ଧ୍ୟା ୮ଟାରେ ଜୟପୁର ରେଳ ଷ୍ଟେସନରେ ପହଞ୍ଚିବେ। ସେଠାରୁ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ତାଙ୍କୁ ସ୍ୱାଗତ କରାଯିବ। ରବିବାର ଜୟପୁର ସହର ପାରାବେଡା ଦଶହରା ପଡିଆରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଛି। ଏ ନେଇ ଏକ ଖବରଦାତା ସମ୍ମିଳନୀରେ କରି ସୂଚନା ଦିଆଯାଇଛି। ଏହି ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନପତି, ପରେଶ ରଥ, ନରେଶ ମାଟାନିଆ, ବରୁଣ ଜୈନ, ପ୍ରକାଶ ନାୟକ, ପ୍ରଶାନ୍ତ ଶତପଥୀ ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ଚିତ୍ରକୋଣ୍ଡା,୨।୨(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ଥାନା ଅଧୀନ କାଦଗୁମା ଗ୍ରାମରେ ଗୁରୁବାର ପୋଖରୀରେ ବୁଡ଼ି ୪ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସେ ହେଲେ ଗାଁର ନାରସୁ ଖରାଙ୍କ ପୁଅ ସୁଶାନ୍ତ। ମଧ୍ୟାହ୍ନ ସମୟରେ ସାଙ୍ଗମାନଙ୍କ ସହ ଖେଳିବା ସମୟରେ ପୋଖରୀକୁ ଗାଧୋଇବାକୁ ଚାଲିଯାଇଥିଲେ। ଗୋଡ଼ ଖସି ସେ ବୁଡ଼ିଯାଇଥିବା ଜଣାପଡ଼ିଛି। ସୁଶାନ୍ତ ପୋଖରୀରେ ବୁଡ଼ିଯାଉଥିବା ଦେଖି ଅନ୍ୟ ସାଙ୍ଗମାନେ ଗାଁକୁ ଯାଇ ଖବର ଦେଇଥିଲେ। ସୁଶାନ୍ତଙ୍କ ବାପା ନାରସୁ ଏବଂ ଗ୍ରାମବାସୀ ବହୁ ସମୟ ଧରି ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରାଯାଇଥିଲା। ହେଲେ ସେତେବେଳକୁ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମହୁମାଛି ଆକ୍ରମଣରେ ବାପପୁଅ ଗୁରୁତର

ଟିକିରି,୨।୨(ଡି.ଏନ୍.ଏ.)

କାଶୀପୁର ବ୍ଲକ ପୋଡ଼ାପାଡ଼ି ପଞ୍ଚାୟତ ମୁଣ୍ଡାଗାଁ ନିକଟରେ ଗୁରୁବାର ମହୁମାଛି ଆକ୍ରମଣରେ ବାପପୁଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚନ୍ଦ୍ରଶେଖର ପାତ୍ର ଓ ତାଙ୍କ ୩ ବର୍ଷର ପୁଅ। ଘରକୁ ଯାଇଥିବା ବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ପ୍ରଥମେ ଉତ୍କଳ ହସ୍ପିଟାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ବଦଳିଲେ ବିଡିଓ, ଦାୟିତ୍ୱରେ ତହସିଲଦାର

ଚନ୍ଦ୍ରପୁର,୨।୨(ଡି.ଏନ୍.ଏ)

ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କ ବଦଳି ହୋଇଛି। ସେ ଚନ୍ଦ୍ରପୁର ତହସିଲଦାର ଅଶୋକ କୁମାର ତ୍ରିପାଠୀଙ୍କୁ ଗୁରୁବାର ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଡୁଙ୍ଗଡୁଙ୍ଗ ୫ ବର୍ଷ ହେଲା ଚନ୍ଦ୍ରପୁର ବିଡିଓ ଭାବେ ଦାୟିତ୍ୱ ତୁଲାଇଥିଲେ। ଏବେ ତାଙ୍କର ମୟୂରଭଞ୍ଜ ଜିଲା ସୁଲିଆପଡ଼ା ବିଡିଓ ଭାବେ ବଦଳି ହୋଇଛି। ନୂତନ ବିଡିଓଙ୍କୁ ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ତହସିଲଦାର ବ୍ଲକ ଦାୟିତ୍ୱରେ ମଧ୍ୟ ରହିବେ।

# ବ୍ୟବସାୟୀଙ୍କ ଘରୁ ଚୋରି ମାମଲା, ୫ ଗିରଫ



ଜବତ ସୁନା ଅଳଙ୍କାର।

## ୩୨୫ ଗ୍ରାମ ସୁନା ଜବତ, ମିଳିନାହିଁ ଚୋରି ଟଙ୍କା, ବଳକା ଅଳଙ୍କାର

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୨।୨

ରାୟଗଡ଼ା ବ୍ୟାଙ୍କ କଲୋନି ସ୍ଥିତ ବ୍ୟବସାୟୀ କେ. ସାଇ ଶ୍ରୀନିବାସଙ୍କ ଘରୁ ୯ ଲକ୍ଷ ଟଙ୍କା ଏବଂ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ମାମଲାରେ ରାୟଗଡ଼ା ଟାଉନ ଥାନା ପୋଲିସକୁ ସଫଳତା ମିଳିଛି। ଘଟଣାରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ସମେତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କେ. ସୁନୀଲ କୁମାର, କେ. ଅନିଲ, କେ. ପ୍ରସାଦ, ପରମି ଶ୍ରୀକାନ୍ତ ଓ ରବିଶଙ୍କର ମହାନନ୍ଦିଆ। ସେମାନଙ୍କ ନିକଟରୁ ୩୨୫ ଗ୍ରାମ ସୁନା ଜବତ କରାଯାଇଛି। ଏ ନେଇ ଏସ୍‌ପି ବିବେକାନନ୍ଦ ଶର୍ମା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଙ୍ଗଲ ପାଇଁ ଶ୍ରୀନିବାସ ସପରିବାର ଆନ୍ଧ୍ର ପ୍ରଦେଶ ଯାଇଥିଲେ। ସେମାନେ ୧୯ରେ ଘରକୁ ଫେରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା। ତେବେ ମାତ୍ର ୩୨୫ ଗ୍ରାମ ସୁନା ଜବତ ହୋଇଥିବାବେଳେ ବଳକା ଟଙ୍କା ଏବଂ ଚୋରି ଅଳଙ୍କାର ମିଳିନାହିଁ। ଗିରଫ ରବିଶଙ୍କର ପୂର୍ବରୁ ହୋମ୍‌ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ରହୁଥିବାରୁ କିଛିବର୍ଷ ତଳେ ସେ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ । ସୁନିଲଙ୍କ ରାୟଗଡ଼ାଠାରେ ଏକ ସୁନା ଦୋକାନ ରହିଛି । ଚୋରି ସୁନା ଅଳଙ୍କାର ଅନୀଲ ଓ ପ୍ରସାଦଙ୍କ ଜରିଆରେ କିଣିଥିଲେ । ଏସ୍‌ଡିପିଓ ଆକାଶ ସାହୁ ଟାଉନ୍ ଥାନାଧିକାରୀ ରଶ୍ମୀରଞ୍ଜନ ପ୍ରଧାନ ସମ୍ମିଳନୀରେ ଉପସ୍ଥିତ ଥିଲେ। ଜବତ ସୁନା ଶ୍ରୀନିବାସଙ୍କୁ ହସ୍ତାନ୍ତର କରାଯାଇଛି । ଘଟଣାର ତଦନ୍ତ ଜାରି ରହିଥିବା ଏସ୍‌ପି ଶର୍ମା ପ୍ରକାଶ କରିଛନ୍ତି। ରାୟଗଡ଼ାରେ ସୁନା ଚୋରି ବଢୁଥିବାରୁ ଏଥିରେ କାହାର ହାତ ରହିଛି ସେ ନେଇ ଅଧିକ ତଦନ୍ତ ଚାଲିଛି। ଅପରପକ୍ଷେ କେତେଜଣ ଅସାଧୁ ସୁନା ବ୍ୟବସାୟୀ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

## ଜିଲାପାଳଙ୍କୁ ସମସ୍ୟା ଜଣାଇବେ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ

ମାଲକାନଗିରି,୨।୨(ଡିଏନଏ):

ମାଲକାନଗିରି ଜିଲା ଗୋରାଖୁଣ୍ଟା ପଞ୍ଚାୟତ କୁରୁସୁବାଡ଼ା ଗ୍ରାମରେ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁରସୁବାଡ଼ା ସମେତ ପନାରଗଡ଼ା, ମଟମଗୁଡ଼ା, ସିଙ୍ଗାଣିଗୁଡ଼ା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଯୋଗ ଦେଇଥିଲେ। କିଛିମାସ ହେଲା ଭତ୍ତା ନ ମିଳିବା, ବ୍ୟାଙ୍କକୁ ଗଲେ ପେନ୍‌ସନ ଆସି ନ ଥିବା ବ୍ୟାଙ୍କ କର୍ମଚାରୀ କହୁଥିବା, ବ୍ୟାଙ୍କ ମାନଙ୍କରେ ପାସ୍‌ବୁକ ଅପଡେଟ କରୁ ନ ଥିବାରୁ ଭତ୍ତା ଆସୁଛି କି ନାହିଁ ଜାଣିପାରୁ ନ ଥିବା ଅଭିଯୋଗ କରିଥିଲେ। କେତେଜଣ ହିତାଧିକାରୀ ରୋଗରେ ପୀଡ଼ିତ ଥିବାରୁ ମାଲକାନଗିରି ବ୍ୟାଙ୍କକୁ ଆସିବା ଅସମ୍ଭବ ହେଉଛି। ଆଉ କେତେଜଣଙ୍କର ଆଧାର କାର୍ଡରେ ତ୍ରୁଟି ଥିବା କିମ୍ବା ଆଧାର ଲିଙ୍କ ହୋଇ ନ ଥିବାରୁ ଭତ୍ତା ଆସୁ ନ ଥିବା କହିଥିଲେ। ଏହାର ସମାଧାନ ପାଇଁ ଶୀଘ୍ର ଜିଲାପାଳଙ୍କୁ ସାକ୍ଷାତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବୈଠକରେ ସାମାଜିକକର୍ମୀ ତଥା ଆଇନଜୀବୀ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ସମେତ ଗୋରାଖୁଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଏରା ପଡିଆମୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପଞ୍ଚାୟତ ପ୍ରକଳ୍ପ ଦ୍ୱାରା ଜଳସେଚିତ ହେଉଛି ୪୬ ହଜାର ହେକ୍ଟର ଜମି

କୋରାପୁଟ,୨।୨(ସ୍ୱ.ପ୍ର.)



କୋରାପୁଟରେ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୋରାପୁଟ ଉଠା ଜଳସେଚନ ବିଭାଗ ଦ୍ୱାରା ଆୟୋଜିତ ପାଣି ପଞ୍ଚାୟତ ପକ୍ଷ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷର ସଚେତନତା ରଥକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିସହ ଜିଲାରେ ଥିବା ପାଣି ପଞ୍ଚାୟତ ଦ୍ୱାରା ଜିଲାର ୪୬ ହଜାର ହେକ୍ଟର ଜମି ଜଳସେଚିତ ହୋଇପାରୁଛି ବୋଲି କୁହାଯାଇଛି।

କୋରାପୁଟ ଉଠା ଜଳସେଚନ ବିଭାଗ ପକ୍ଷରୁ ବର୍ତ୍ତମାନ ୧୪୪୯ ସଚଳ ଉଠାଜଳସେଚନ ପ୍ରକଳ୍ପ ଓ ୩୦୫୩ ଅଗଭୀର ନଳକୂପ ପ୍ରକଳ୍ପ ରହିଛି। ଏହାଦ୍ୱାରା ମୋଟ ୪୬, ୩୭୨ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇପାରୁଛି। ସେହିପରି ୧୯୬ ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇ ରହିଛି। ସେଥିରୁ ବର୍ତ୍ତମାନ ୨୯ ଉଠାଜଳସେଚନ ପାଣି ପଞ୍ଚାୟତ ପ୍ରକଳ୍ପ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। କୋରାପୁଟ ଟାଉନ ହଲ୍‌ରେ କୋରାପୁଟ ଉଠା ଜଳସେଚନ ଡିଭିଜନ ପକ୍ଷରୁ ଆୟୋଜିତ ପାଣି ପଞ୍ଚାୟତ ପକ୍ଷର ଉଦ୍‌ଘାଟନୀ ଉତ୍ସବରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପାଳ ଅବ୍‌ଦାଲ ଏମ୍ ଅଖତାର ଯୋଗଦେଇଥିଲେ। ସେ ଜଳର ସଦ୍ ବ୍ୟବହାର ଓ ସରକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥିଭାବେ କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, କୋରାପୁଟ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ, ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଜିଲାରେ ଥିବା ପାଣି ପଞ୍ଚାୟତର ଆବଶ୍ୟକତା ଓ କାର୍ଯ୍ୟ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଢୋଲ, ମାଦଳ ତାଳେତାଳ ବୁଲିଲେ ଲାଠି କୁର୍ଚି, ପାଲିଙ୍କି

ଡାବୁଗାଁ, ୨।୨ (ଡି.ଏନ୍.ଏ.)

## ଡାବୁଗାଁ ରେ ମାଘ ମଣ୍ଡେଇ ପାଳିତ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାରେ ଆଦିବାସୀମାନଙ୍କ ପର୍ବ ମାଘ ମଣ୍ଡେଇ ଗୁରୁବାର ପାଳିତ ହୋଇଯାଇଛି। ତୁରୀ, ବାଦ୍ୟ, ଢୋଲ, ମାଦଳ ତାଳେତାଳେ ଶେଷ ହୋଇଛି ଏହି ଉତ୍ସବ। ଏଥିରେ ଡାବୁଗାଁ ବ୍ଲକ ସମେତ ଆଖପାଖ ୧୭୦ ଗ୍ରାମରୁ ଲାଠି, କୁର୍ଚି ଓ ପାଲିଙ୍କି ଭୈରବ ମନ୍ଦିରରେ ପୂଜାର୍ଚ୍ଚନ ହୋଇଥିଲା। ପରେ ଅପରାହ୍ନରେ ସମସ୍ତ ଲାଠି, କୁର୍ଚି ମା ଦୁଲ୍ଲାରଦେଇ ମନ୍ଦିରରୁ ବାହାରି ନଗର ପରିକ୍ରମା କରି ଭୈରବ ମନ୍ଦିରରେ ଏକତ୍ରିତ ହୋଇଥିଲେ। ପୂଜାରୀ, ଶିରା ଓ ଦିଶାରିମାନେ ସାଜସଜା ହୋଇ ଖଣ୍ଡା ଧରି ନୃତ୍ୟ ପରିବେଷଣ କରିଥିଲେ। ଲାଠି, କୁର୍ଚି, ଶିରା, ଦିଶାରୀମାନେ ବାଦ୍ୟର ତାଳେ ତାଳେ ନୃତ୍ୟ କରି ବଜାର ପରିକ୍ରମା କରି ମନ୍ଦିର ନିକଟରେ ପହଞ୍ଚିଥିଲେ। ଶୁକ୍ରବାର ଲାଠି ,କୁର୍ଚି ଓ ଶିରା ପୂଜାରୀମାନଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ବିଦାୟ ଦିଆଯିବ । ଏହି ମଣ୍ଡେଇ ପାଳନରେ ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ରାତ୍ରିରେ ଦେଶୀଆ ନାଟ ପରିବେଷଣ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ବିନୋଦ ସୌରା, ଉପସଭାପତି ସତ୍ୟରଞ୍ଜନ ପାତ୍ର, ସମ୍ପାଦକ ରାମକୁମାର ଗଣ୍ଡ, ସହସମ୍ପାଦକ ଜଗନ୍ନାଥ ବେହେରା, କୋଷାଧ୍ୟକ୍ଷ ରଞ୍ଜିତ ଘରାଇ, କୁନୁ ପାତ୍ର, ତରଣୀ ରେଲୀ, ପାପନା ରେଲି, ଜିତୁ ରେଲୀ, କୁନା ଭାଟ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଲାଠି, କୁର୍ଚି, ଶିରା ଦିଶାରୀମାନେ ବଜାର ପରିକ୍ରମା କରୁଛନ୍ତି।

**OFFICE OF PANCHAYAT SAMITI : JASHIPUR**
At/P.O.-Jashipur,Dist-Mayurbhanj,Odisha-757091
Tel/Fax-06797-232435, E-mail:ori-jashipur@nic.in
Advt. No.332 Date:01.02.2023

**CORRIGENDUM**

**No.i-365:**In continuation of the Tender Call Notice No. 4566 Dt. 26.12.2022 published vide Letter No. 4567 Dt. 26.12.2022 in the daily Odia Newspapers DHARITRI and NITIDIN, the following changes will be made.

The date of opening of Tender Papers - 08.02.2023 at 11:00 AM at Block Conference Hall, Office of the BDO, Jashipur, Mayurbhanj instead of 20.01.2023 at 11:00 AM

All terms & conditions of the bid remains unchanged.

Sd./- Block Development Officer
Jashipur
OIPR-19279/11/0007/2223

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MARKONA CANAL DIVISION, MARKONA**
**QUOTATION CALL NOTICE NO. SE-MCD-06/2022-23**

No.A-1091:- Sealed quotations are invited on behalf of Hon'ble Governor of Odisha in the prescribed format from registered firm having valid upto date PAN/GSTN for supply of office furnitures to Markona Canal Division as per specification detailed below. The quotation should be accompanied with valid copy of PAN, GSTN etc. failing which the quotatins are liable for rejection. The quotation will be received at Office of the Superintending Engineer, Markona Canal Division, Markona in all working days from 3.02.2023 to 10.02.2023 upto 4.00 P.M. The quotation will be opened on 10.02.2023 at 4.30 P.M. in presence of authorized agents / representatives. The rate should be quoted for finished items fitted & fixed inclusive of all taxes, carriage charges to office etc. except GST. The authority reserves the right to cancel the tender without assigning any reason thereof.

Sd./- Superintending Engineer
Markona Canal Division, Markona
OIPR-32397/11/0004/2223

**ନିୟନ୍ତ୍ରିତ ବଜାର କମିଟି, ଭଞ୍ଜନଗର (ଗଞ୍ଜାମ)**

**ସୂଚନା**

ଏତଦ୍ୱାରା ଭଞ୍ଜନଗର ରାଜସ୍ୱ ଉପଖଣ୍ଡର ସମସ୍ତ ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ଖରିଫ ୨୦୨୨-୨୩ ବର୍ଷ ନିମନ୍ତେ ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଦ୍ୱାରା FAQ ମାନର ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି।

ଚଳିତ ଖରିଫ ୨୦୨୨-୨୩ ବର୍ଷ ନିମନ୍ତେ ସରକାରଙ୍କ ଦ୍ୱାରା FAQ ମାନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନ ମତେ ସ୍ଥିର କରାଯାଇଅଛି।

| | କ୍ୱିଣ୍ଟାଲ ପ୍ରତି ଦର | ୭୫ କେ.ଜି. ପିଛା ଦର |
|---|---|---|
| ସାଧାରଣ ଧାନ (F.A.Q. ମାନ) | ଟ୨୦୪୦.୦୦ଙ୍କା | ଟ୧୫୩୦.୦୦ଙ୍କା |

| କ୍ର. ନଂ. | F.A.Q. ମାନର ଧାନ ନିର୍ଦ୍ଧାରିତ ମାନଦଣ୍ଡ | |
|---|---|---|
| ୧ | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| ୨ | କାଠି, କୁଟା, ଅଗାଡ଼ି ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩ | ଖରାପ, ବେରଙ୍ଗ, ପାଣିଫୁଲା ଓ ପୋକ ଇତ୍ୟାଦି (* ଖରାପ,ପାଣିଫୁଲା, ଓ ପୋକା ୪%ରୁ ଅଧିକ ହେବ ନାହିଁ) | ୫% |
| ୪ | ଅପରିପକ୍ୱ, ସବୁଜ, ବଙ୍କା ବା ସଙ୍କୁଚିତ ଧାନ | ୩% |
| ୫ | ଆର୍ଦ୍ରତା ଓ ଜଳୀୟ ଅଂଶ | ୧୭% |

“ସଫା, ଶୁଖିଲା, ସମରଙ୍ଗୀ ଓ ସମ ଆକାର ଧାନ ଆଣନ୍ତୁ, ସରକାରୀ ଧାର୍ଯ୍ୟ ମୂଲ୍ୟ ପାଆନ୍ତୁ”

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ଭଞ୍ଜନଗର

ଉପ-ଜିଲ୍ଲାପାଳ, ଭଞ୍ଜନଗର ତଥା ଅଧକ୍ଷ
ନିୟନ୍ତ୍ରିତ ବଜାର କମିଟି, ଭଞ୍ଜନଗର

No. W-74

**ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୩**

ତା ୧୧.୦୨.୨୦୨୩ ରିଖ (ଦ୍ୱିତୀୟ ଶନିବାର)

**ବିଶେଷ ସୂଚନା**

୧ ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?

୨ ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ ।

୩ ତା ୧୧.୦୨.୨୦୨୩ ରିଖ (ଦ୍ୱିତୀୟ ଶନିବାର) ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି ।

୪ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା,ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ ଓ ଜଳ ପୈଠ ବିଲ୍ ସମ୍ବନ୍ଧୀୟ ମାମଲା, ଓ ଅନ୍ୟାନ୍ୟ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତିତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯାଇପାରିବ ।

୫ କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡିକ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ, ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ହୋଇପାରିବ ।

୬ ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ।

୭ ଯଦି କୌଣସି ବିଚାରାଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।

୮ ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ।

୯ ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ସଦସ୍ୟ ସଚିବ
ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ,
ଆଇନ୍ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ :
ମୋ-୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍- oslsa2020@gmail.com

OIPR-18008/11/0018/2223

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Tel.No.06724-223485, mail-rwssjspur@gmail.com

**e-Procurement Notice**

**1st Corrigendum to this office Bid Identification Notice No.31 of 2022-23**

**No.O-1741:**Due to unavoidable circumstances the publishing date & other critical dates is modified as follows.

| Sl. No. | Name of the Work | Value of the Work (Rs.in lakhs) | Concerned T.I.A. | Security Amount (Rs.) Online | Cost of Bid document (Rs.) Online | Class of Bidder | Period of Completion |
|---|---|---|---|---|---|---|---|
| 1 | Execution of 4 Nos. individual Retro, RPWS Scheme to Baredia, Kalantira, Batimira & Manguli under Biridi Block | 506.45 | S.E. RWS&S Division Jagatsinghpur | Bid Security Declaration | 10,000/- | 'A' | 12 (Twelve) Months |

1. Availability of Tender in website: From 10 hours of 08.02.2023 to 21.02.2023 upto 17.30 hours. 2. Submission of Bid in online: From 10 hours of 08.02.2023 to 21.02.2023 upto 17.30 hours. 3. Date of seeking clarification (during office working hour): 08.02.2023 to 17.02.2023. 4.Date of Opening of bids: 22.02.2023 (11.00 A.M.) 5. Name and Address of O.I.T.: Superintending Engineer, RWS&S Division, Jagatsinghpur. 6. All other details can be seen from the website: www.tendersorissa.gov.in.7. Bid Cost should be submitted in online mode. All other terms and conditions remain unchanged. NB: Subsequent corrigendum/addendum if required shall only appear in above website.

Sd./- Superintending Engineer, RWS&S Divn., Jagatsinghpur
OIPR-25024/11/0013/2223



ପାକିସ୍ତାନ ପେଶାୱର ମସ୍‌ଜିଦ୍‌ରେ ବିସ୍ଫୋରଣ ଘଟାଇଥିବା ଆତଙ୍କବାଦୀ ଜଣକ ପୋଲିସ ବେଶରେ ସେଠାରେ ପ୍ରବେଶ କରିଥିଲେ। ଏହି ଆତ୍ମଘାତୀ ବାଇକ୍‌ରେ ଆସି ହାଇସିକ୍ୟୁରିଟି ପୋଲିସ ଲେନ୍‌ରେ ପହଞ୍ଚିଥିଲେ। ତାଙ୍କ ମୁହଁରେ ମାସ୍କ ଓ ମୁଣ୍ଡରେ ହେଲମେଟ୍ ଥିଲା। ଅଭିଯୁକ୍ତଙ୍କୁ ପୋଲିସ ମନେକରି ସିକ୍ୟୁରିଟି ଚେକ୍ ପଏଣ୍ଟରେ ସୁରକ୍ଷାକର୍ମୀ ଅଟକାଇ ନ ଥିଲେ।

## ଶିକ୍ଷକ ସାଜିଲେ ଆତଙ୍କବାଦୀ

### ଏକାଧିକ ବିସ୍ଫୋରଣ ଘଟାଇବା ଅଭିଯୋଗରେ ଗିରଫ

**ଜମ୍ମୁ,୨।୨:** ଜମ୍ମୁ-କଶ୍ମୀରରେ ଏକାଧିକ ବିସ୍ଫୋରଣ ଘଟାଇଥିବା ଜଣେ ସରକାରୀ ସ୍କୁଲ ଶିକ୍ଷକଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ଶିକ୍ଷକ ଜଣକ ଲଶ୍କର-ଇ-ତୋଇବା ଆତଙ୍କବାଦୀ ହୋଇଥିବାବେଳେ ଗତ ୨୧ ତାରିଖରେ ଜମ୍ମୁର ନରୱାଲରେ ଟୁଇନ୍ ବ୍ଲାଷ୍ଟ ଘଟେଇଥିଲେ, ଯେଉଁଥିରେ ୯ଜଣ ଆହତ ହୋଇଥିଲେ। ଗିରଫ ଆରିଫଙ୍କ ଘର ଜମ୍ମୁର ରିଆସି ଜିଲାରେ। ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ (ଆଇଇଡି) ରଖାଯାଇଥିବା ପରଫ୍ୟୁମ୍ ବୋତଲ ତାଙ୍କ ନିକଟରୁ ପୋଲିସ ଜବତ କରିଛି। ବିସ୍ଫୋରଣରେ ବ୍ୟବହୃତ ଆଇଇଡି ଡ୍ରୋନ୍ ଯୋଗେ ସୀମା ପାର୍ ହୋଇ ଆରିଫଙ୍କ ନିକଟରେ ପହଞ୍ଚାଯାଇଥିଲା। ଅନ୍ୟପକ୍ଷେ ବିସ୍ଫୋରଣ ସଫଳ ହେଲେ ଆରିଫ୍‌ଙ୍କୁ ଟଙ୍କା ମିଳୁଥିବା ପୋଲିସ କହିଛି। ଗତବର୍ଷ ଫେବୃୟାରୀରେ ଜମ୍ମୁ ଶାସ୍ତ୍ରୀ ନଗର ବିସ୍ଫୋରଣ ଏବଂ ଗତ ମେ'ରେ ବୈଷ୍ଣୋଦେବୀ ଯାଉଥିବା ତିର୍ଥଯାତ୍ରୀ ବସ୍‌ରେ ଆରିଫ ବିସ୍ଫୋରକ ଖଞ୍ଜିଥିବା ସ୍ୱୀକାର କରିଛନ୍ତି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୪ ଆହତ ହୋଇଥିଲେ। ୨୦୧୦ରେ ଆରିଫ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବାବେଳେ ୨୦୧୬ରେ ତାଙ୍କ ଚାକିରି ନିୟମିତ କରାଯାଇଥିଲା।



ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋ ଆମେରିକାର ଫ୍ଲୋରିଡାସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା କହୁଛନ୍ତି। କିନ୍ତୁ ଓର୍ଲାଣ୍ଡୋର ଡେଜରଲାଣ୍ଡ ରେଷ୍ଟୁରାଣ୍ଟରେ ଥିବା ଆମ୍ୟୁଜମେଣ୍ଟ ପାର୍କରେ ତାଙ୍କ ସହ ମହିଳାମାନେ ସେଲ୍ଫି ନେଉଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ବ୍ରାଜିଲରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବୋଲ୍‌ସୋନାରୋ ପରାଜିତ ହେବା ପରେ ତାଙ୍କ ସମର୍ଥକମାନେ ହିଂସାତ୍ମକ ଆନ୍ଦୋଳନ କରୁଛନ୍ତି। ଏଥିପାଇଁ ବୋଲ୍‌ସୋନାରୋଙ୍କ ବିରୋଧରେ ତଦନ୍ତ ଚାଲିଥିବାବେଳେ ଗତ ୮ ତାରିଖରେ ସେ ଆମେରିକା ଚାଲିଯାଇଥିଲେ। ଆମେରିକୀୟ ଆଇନପ୍ରଣେତାମାନେ ତାଙ୍କୁ ଦେଶରୁ ତୁରନ୍ତ ବିଦା କରିବା ପାଇଁ ଦାବି କରୁଛନ୍ତି। କିନ୍ତୁ ବୋଲ୍‌ସୋନାରୋ ଆଉ ୬ ମାସ ଆମେରିକାରେ ରହିବା ପାଇଁ ଭିଜା ଅବଧି ବୃଦ୍ଧି ଲାଗି ଅନୁରୋଧ କରିଛନ୍ତି।

## ୨୧ ଥରରେ ୨୨.୭୬ କୋଟି ଖର୍ଚ୍ଚ

### ୨୦୧୯ରୁ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ



**ନୂଆଦିଲ୍ଲୀ,୨।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ ମସିହାରୁ ଅଦ୍ୟାବଧି ୨୧ ଥର ବିଦେଶ ଗସ୍ତ କରିଛନ୍ତି। ତାଙ୍କ ଗସ୍ତ ବାବଦକୁ ୨୨.୭୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଜାପାନକୁ ୩, ଆମେରିକା ଏବଂ ୟୁଏଇକୁ ୨ ଥର ଲେଖାଏ ଗସ୍ତ କରିଥିଲେ। ଏହି ଅବଧି ମଧ୍ୟରେ ରାଷ୍ଟ୍ରପତି ୮ ଥର ବିଦେଶ ଗସ୍ତ କରିଥିବାବେଳେ ୬.୨୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ରାମନାଥ କୋବିନ୍ଦ ରାଷ୍ଟ୍ରପତି ଥିବାବେଳେ ୭ ଥର ବିଦେଶ ଗସ୍ତ କରିଥିଲେ। ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ସେପ୍ଟେମ୍ବରରେ ବ୍ରିଟେନ ଯାଇଥିଲେ। ରାଜ୍ୟ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ୍ ଏହା କହିଛନ୍ତି।

# ୧୦୦ ବିଲିୟନ ଡଲାର କ୍ଷତି

## ଜେଲରୁ ମୁକୁଳିଲେ ସିଦ୍ଦିକି



**ଲକ୍ଷ୍ନୌ, ୨।୨:** ଉତ୍ତର ପ୍ରଦେଶର ଲକ୍ଷ୍ନୌ ଜେଲରୁ ୨୮ ମାସ ପରେ ମୁକୁଳିଛନ୍ତି କେରଳର ଖବରଦାତା ସିଦ୍ଦିକି କାପ୍ପାନ। ତାଙ୍କ ଜାମିନ ନେଇ ବୁଧବାର ପିଏମ୍‌ଏଲଏ କୋର୍ଟରେ ସିଓରିଟି ଦାଖଲ କରାଯାଇଥିଲା। ୧ ଲକ୍ଷ ଟଙ୍କାର ୨ଟି ସିଓରିଟି ବଦଳରେ ତାଙ୍କୁ ବେଲ୍ ମିଳିଛି। ସିଦ୍ଦିକିଙ୍କୁ ନେବା ଲାଗି ଲକ୍ଷ୍ନୌ ଜେଲରେ ତାଙ୍କ ସ୍ତ୍ରୀ ଓ ପୁଅ ପହଞ୍ଚିଥିଲେ। ଏକ ବିରାଟ ସଂଘର୍ଷ ପରେ ଜେଲରୁ ବାହାରିଥିବାରୁ ଖୁସି ଥିବା ସିଦ୍ଦିକି କହିଛନ୍ତି। ଆଗାମୀ ୬ ସପ୍ତାହ ସେ ଦିଲ୍ଲୀରେ ରହିବେ। ୨୦୨୦ରେ ହାଥରସରେ ଜଣେ ଦଳିତ ଯୁବତୀଙ୍କୁ ବଳାତ୍କାର ପରେ ମୃତ୍ୟୁ ଘଟିଥିବା ଖବରର ରିପୋର୍ଟିଂ କରିବା ପାଇଁ ସିଦ୍ଦିକି ତାଙ୍କ ୩ ସହଯୋଗୀଙ୍କ ସହ ୟୁପି ଆସିଥିଲେ। ଯୁବତୀଙ୍କ ମୃତ୍ୟୁକୁ ନେଇ ସିଦ୍ଦିକି ସ୍ଥାନୀୟ ଅଞ୍ଚଳରେ ହିଂସାକୁ ଉସୁକାଉଥିବାନେଇ ତାଙ୍କ ବିରୋଧରେ ଅଭିଯୋଗ କରାଯିବା ପରେ ଅକ୍ଟୋବରରେ ତାଙ୍କୁ ପୋଲିସ ଗିରଫ କରିନେଇଥିଲା।

## ଆଦାନୀ ଉପରୁ ତୁଟିଲା ନିବେଶକଙ୍କ ଭରସା

### ହିଣ୍ଡେନ୍‌ବର୍ଗ ପ୍ରଭାବ

**ମୁମ୍ବାଇ,୨।୨**

ଜାନୁୟାରୀ ୨୪ରେ ନ୍ୟୁୟର୍କର ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ କର୍ପୋରେଟ୍ ଜାଏଣ୍ଟ ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲା। ଏହି ଗ୍ରୁପ୍ ଅଧୀନ ଆଦାନୀ ଏଣ୍ଟରପ୍ରାଇଜେସ୍ ସମେତ ୭ଟି କମ୍ପାନୀର ଶେୟାର ମୂଲ୍ୟକୁ ଅଧିକ ଲାଭ ଆଶାରେ ଜାଣିଶୁଣି ବଢ଼ାଇ ଦିଆଯାଇଛି। ଏପରି କି କମ୍ପାନୀଗୁଡ଼ିକର ଆକାଉଣ୍ଟରେ ମଧ୍ୟ ଅନେକ ଅନିୟମିତତା ରହିଥିବା ନେଇ ନାଥନ୍ ଆଣ୍ଡର୍ସନଙ୍କ ଫରେନ୍ସିକ୍ ଫାଇନାନ୍ସିଆଲ ରିସର୍ଚ୍ଚ ଫାର୍ମ ହିଣ୍ଡେନ୍‌ବର୍ଗ ନିଜ ୱେବ୍‌ସାଇଟ୍‌ରେ ପ୍ରଘଟ କରିଥିଲା। ଏଥିସହ ଜାଲିଆତି ସମ୍ପର୍କରେ ଆଦାନୀ ଗ୍ରୁପ୍‌କୁ ୮୮ଟି ପ୍ରଶ୍ନ କରିଥିଲା। ଆଦାନୀ ଗ୍ରୁପ୍ ରବିବାର ୪୧୩ ପୃଷ୍ଠା ସମ୍ବଳିତ ଏକ ବିବୃତି ଜାରି କରି ହିଣ୍ଡେନ୍‌ବର୍ଗକୁ ଜବାବ ଦେଇଥିଲା। ଇତିମଧ୍ୟରେ ଆଦାନୀ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ଅଣାଯାଇଥିବା ୨୦ ହଜାର କୋଟି ଟଙ୍କାର ଫଲୋ ଅନ୍ ପବ୍ଲିକ୍ ଅଫର (ଏଫ୍‌ପିଓ)କୁ ନିବେଶକମାନେ ୧.୧୨ ଥର ସବ୍‌ସ୍କ୍ରାଇବ୍ କରିଥିଲେ। ତେବେ ଆଦାନୀ ଗ୍ରୁପ୍‌ର ଶେୟାର ମୂଲ୍ୟରେ ଲଗାତର ହ୍ରାସ ପାଇବାରେ ଲାଗିଥିଲା। ବୁଧବାର ଟ୍ରେଡିଂ ସେସନ୍‌ରେ ଏହି ଏଫ୍‌ପିଓର ପ୍ରାଇସ୍ ବ୍ୟାଣ୍ଡ (ନିର୍ଦ୍ଧାରିତ ମୂଲ୍ୟ) ୩,୧୧୨-୩,୨୭୬ରୁ ୩୪% ତଳକୁ ଖସିବା ପରେ ଆଦାନୀ ବୋର୍ଡ ଏହାକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲା। ଶେୟାର ମାର୍କେଟ ଭୋଲାଟିଲିଟି (ଉଠାପକା) ଯୋଗୁ ଏଫ୍‌ପିଓ ରଦ୍ଦ କରିବା ସହ ନିବେଶକଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରିବାକୁ ନିଷ୍ପତ୍ତି ନେଇଥିଲା। ଗୁରୁବାର କ୍ଲୋଜିଂ ଡେ'ରେ ମଧ୍ୟ ଅନୁରୂପ ସ୍ଥିତି ଲାଗିରହିଥିବାରୁ ଆଦାନୀ ଏଣ୍ଟରପ୍ରାଇଜେସ୍‌ର ଶେୟାର ମୂଲ୍ୟରେ ୨୩% ଅବକ୍ଷୟ ଦେଖିବାକୁ ମିଳିଛି। ନିବେଶକମାନେ ମଧ୍ୟ କମ୍ପାନୀକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିବାରୁ ଆଦାନୀ ଗ୍ରୁପ୍‌ର ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନ ଛିଡ଼ା ହୋଇଛି। ସପ୍ତାହେ ମଧ୍ୟରେ ଆଦାନୀଙ୍କ କମ୍ପାନୀଗୁଡ଼ିକୁ ୧୦୦ ବିଲିୟନ୍ ଡଲାରରୁ ଊର୍ଦ୍ଧ୍ୱ କ୍ଷତି ସହିବାକୁ ପଡ଼ିଛି। ଫଳରେ ଏକଦା ବିଶ୍ୱର ଧନୀ ବ୍ୟକ୍ତିଙ୍କ ତାଲିକାରେ ତିନି ନମ୍ବର ସ୍ଥାନ ଅଧିକାର କରିଥିବା ଆଦାନୀ ଏବେ ପଞ୍ଚଦଶ ସ୍ଥାନକୁ ଖସିଆସିଛନ୍ତି। ଅନ୍ୟପକ୍ଷେ ଆଦାନୀଙ୍କୁ ପଛରେ ପକାଇ ତାଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ (ଆର୍‌ଆଇଏଲ୍) ଚେୟାରମ୍ୟାନ୍ ମୁକେଶ ଅମ୍ବାନୀ ଏସିଆର ସବୁଠୁ ଧନୀ ମାନ୍ୟତା ଲାଭ କରିଛନ୍ତି।

## ଆଦାନୀ ପାୱାର ସହ ଚୁକ୍ତି ରଦ୍ଦ କରିପାରେ ବାଂଲାଦେଶ



**ନୂଆଦିଲ୍ଲୀ,୨।୨**

ଆଦାନୀ ପାୱାର ଲିମିଟେଡ୍ ଅଧୀନ ଝାଡ଼ଖଣ୍ଡର ଏକ ଥର୍ମାଲ ପାୱାର ପ୍ଲାଣ୍ଟରୁ ବିଦ୍ୟୁତ୍ କିଣିବା ପାଇଁ ସହ ସ୍ୱାକ୍ଷରିତ ଏକ ଚୁକ୍ତିର ସମୀକ୍ଷା କରିବାକୁ ବାଂଲାଦେଶ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ୨୦୧୭ ନଭେମ୍ବରରେ ବାଂଲାଦେଶ ପାୱାର ଡେଭେଲପ୍‌ମେଣ୍ଟ ବୋର୍ଡ (ବିପିଡିପି) ଏବଂ ଆଦାନୀ ପାୱାର ମଧ୍ୟରେ ଏକ ୨୫ ବର୍ଷିଆ ପାୱାର ପର୍ଚ୍ଚେଜିଂ ଏଗ୍ରିମେଣ୍ଟ ହୋଇଥିଲା। ଢାକାରେ ସମ୍ପାଦିତ ଉକ୍ତ ଚୁକ୍ତି ଅନୁସାରେ ଆଦାନୀ ପାୱାର ଝାଡ଼ଖଣ୍ଡର ଗୋଡ୍ଡା ପାୱାର ପ୍ଲାଣ୍ଟରୁ ୧,୪୯୬ ମେଗାୱାଟ୍ସ ବିଦ୍ୟୁତ୍ ଶକ୍ତି ବାଂଲାଦେଶକୁ ଯୋଗାଇ ଆସୁଛି। ବାଂଲାଦେଶୀ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଉକ୍ତ ଚୁକ୍ତିରେ କିଛି ପରିବର୍ତ୍ତନ ଅଣା ନ ଗଲେ ସେଠାକାର ପାୱାର ଡିଭିଜନ୍ ଆଦାନୀ ପାୱାରକୁ ୨୫ ବର୍ଷ ମଧ୍ୟରେ ୨୩.୮୭ ବିଲିୟନ୍ ଆମେରିକୀୟ ଡଲାର (ସ୍ଥାନୀୟ କରେନ୍ସି ୨୪୦,୦୦୦ କୋଟି ଟାକା) ପଇଠ କରିବା କଥା। ଏବେ ବାଂଲାଦେଶରେ ବିଦ୍ୟୁତ୍ ୟୁନିଟ୍ ପିଛା ୧୨ ଟାକାରେ ଉପଲବ୍ଧ ହେଉଛି। କିନ୍ତୁ ଆଦାନୀ ପାୱାର ବାଂଲାଦେଶରୁ ବିଦ୍ୟୁତ୍ ୟୁନିଟ୍ ପିଛା ୨୦-୨୨ ଟାକା ଅସୁଲ କରୁଛି। ତେଣୁ ବିଦ୍ୟୁତ୍ ମୂଲ୍ୟରେ ହ୍ରାସ ନ କଲେ ଏହି ଚୁକ୍ତି ବଳବତ୍ତର ରହିବ ନାହିଁ ବୋଲି ବିପିଡିପି ଅଧିକାରୀମାନେ କହିଛନ୍ତି। ଇତିମଧ୍ୟରେ ବାଂଲାଦେଶ ପାୱାର ସେକ୍ଟରର ବିକାଶ ଦାୟିତ୍ୱରେ ଥିବା ବିପିଡିବି ଏହି ଚୁକ୍ତିର ସମୀକ୍ଷା ପାଇଁ ଆଦାନୀ ପାୱାରକୁ ଏକ ପତ୍ର ଲେଖିଛି। ବାଂଲାଦେଶ ଶକ୍ତି ମନ୍ତ୍ରୀ ନସରୁଲ୍ ହମିଦ ଜାନୁୟାରୀ ପ୍ରଥମ ସପ୍ତାହରେ ପାୱାର ପ୍ଲାଣ୍ଟ ପରିଦର୍ଶନ କରିବା ପରେ ଏହି ପ୍ରସଙ୍ଗରେ ଢାକାର ଆଭିମୁଖ୍ୟ ନେଇ ଆଦାନୀ ପାୱାରକୁ ଜଣାଇଥିଲେ। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଅରିନ୍ଦମ ବାଗ୍‌ଚୀଙ୍କୁ ଖବରଦାତାମାନେ ଏନେଇ ପ୍ରଶ୍ନ କରିବାରୁ ସେ କହିଛନ୍ତି, ଏହା ଏକ ସାର୍ବଭୌମ ସରକାର ଏବଂ ଭାରତୀୟ କମ୍ପାନୀ ମଧ୍ୟରେ ହୋଇଥିବା ଚୁକ୍ତି। ସରକାର ଏଥିରେ ମୁଣ୍ଡ ଖେଳାଇବାକୁ ଆବଶ୍ୟକ ମନେକରୁନାହାନ୍ତି।

## କାର୍‌ରେ ନିଆଁ: ସ୍ୱାମୀଙ୍କ ସହ ଜଳିଗଲେ ଗର୍ଭବତୀ



**କନ୍ନୁର, ୨।୨**

କେରଳର କନ୍ନୁରରେ ଗୁରୁବାର ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଯାଇଛି। କାର୍ ସହିତ ଗର୍ଭବତୀ ଓ ତାଙ୍କ ସ୍ୱାମୀ ଜଳିଯାଇଛନ୍ତି। ଦମ୍ପତି ଓ ତାଙ୍କ ସମ୍ପର୍କୀୟ ଜିଲା ଚିକିତ୍ସାଳୟ ଯାଉଥିବା ବେଳେ କାର୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ମୃତ ଗର୍ଭବତୀ ମହିଳା ରୀଶା (୨୬) ଓ ସ୍ୱାମୀ ପ୍ରିଜିଥ (୩୫)ଙ୍କ ଘର କୁଟ୍ଟିଆଟ୍ଟୁରରେ। କାର୍‌ଟି ଡାକ୍ତରଖାନା ଅଭିମୁଖେ ଯାଉଥିବାବେଳେ ରୀଶାଙ୍କୁ ପ୍ରସବଜନିତ ଯନ୍ତ୍ରଣା ହୋଇଥିଲା। କାର୍‌ରେ ନିଆଁ ଲାଗିବା ମାତ୍ରେ ପଛ ସିଟ୍‌ରେ ବସିଥିବା ୪ ଜଣ ଗାଡ଼ିରୁ ଓହ୍ଲାଇ ପଡ଼ିଥିବାବେଳେ ଦମ୍ପତି କାର୍‌ରୁ ବାହାରି ପାରି ନ ଥିଲେ। ଘଟଣାର ସୂଚନା ପାଇ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଦମ୍ପତିଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବାବେଳକୁ ସେମାନଙ୍କର ମୃତ୍ୟୁ ଘଟିଥିଲା। କାର୍ ଆଗ କାଚକୁ ଭାଙ୍ଗି ସ୍ଥାନୀୟ ଲୋକେ ଦମ୍ପତିଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ହେଁ ସେମାନେ ସଫଳ ହୋଇ ପାରି ନ ଥିଲେ। କାର୍‌ରେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନାହିଁ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଏକ୍ସପର୍ଟ ଟିମ୍‌ଯାଞ୍ଚ କରୁଥିବାବେଳେ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପର୍ନୋଗ୍ରାଫି ମାୟାରେ ବ୍ରିଟେନ୍ ଶିଶୁ

**ଲଣ୍ଡନ,୨।୨**

ପର୍ନୋଗ୍ରାଫିକୁ ନେଇ ବିଶ୍ୱର ବିଭିନ୍ନ ଦେଶରେ ବହୁ ନିୟମମାନ ଲାଗୁ କରାଯାଇଛି। ପ୍ରତ୍ୟେକ ବୟସ ବର୍ଗର ଲୋକଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବକୁ ଦେଖି ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ନିକଟରେ ଲଣ୍ଡନରେ କରାଯାଇଥିବା ଏକ ସର୍ଭେ ମୁତାବକ, ଅଧିକାଂଶ ପିଲା କିଶୋର ବୟସରେ ପହଞ୍ଚିବା ପୂର୍ବରୁ ପର୍ନ ବା ଅଶ୍ଳୀଳ ଫିଲ୍ମ ଦେଖିବା ଆରମ୍ଭ କରୁଛନ୍ତି। ଭବିଷ୍ୟତର ଯୁବପିଢ଼ିଙ୍କ ଉପକାର ସକାଶେ ପିଲାମାନଙ୍କୁ ଅନ୍‌ଲାଇନ୍‌ରେ ପ୍ରସାରିତ ହେଉଥିବା ଖରାପ କଣ୍ଟେଣ୍ଟ ଦେଖିବାକୁ ରୋକାଯିବା ବର୍ତ୍ତମାନ ସମୟରେ ଅତି ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଥିବା ଏହି ପର୍ନୋଗ୍ରାଫି ସର୍ଭେରେ କୁହାଯାଇଛି।

ଅନ୍‌ଲାଇନ୍‌ରେ ଏକ ସାଧାରଣ ଭିଡିଓ ପ୍ରସାରିତ ହେବାଭଳି ବର୍ତ୍ତମାନ ସମୟରେ ପର୍ନ ଭିଡିଓ ସବୁ ଘୂରୁବୁଲୁଛି, ଯାହାଫଳରେ ପିଲାମାନଙ୍କ ନିକଟରେ ଏସବୁ ଅତି ସହଜରେ ପହଞ୍ଚିପାଇ ପାରୁଛି। ପାଖାପାଖି ୧୦% ପିଲା ମାତ୍ର ୯ ବର୍ଷ ବୟସରେ ପର୍ନ ଭିଡିଓ ଦେଖୁଥିବାବେଳେ

### ସର୍ଭେ ରିପୋର୍ଟ



୧୧ ବର୍ଷ ବୟସର ପ୍ରାୟ ୨୭% ପିଲା ଏହି ଭିଡିଓକୁ ଅନ୍‌ଲାଇନ୍‌ରେ ଦେଖିବାରେ ଲାଗିଛନ୍ତି।

ସର୍ଭେ ରିପୋର୍ଟ ଅନୁସାରେ, ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟରରେ ସର୍ବାଧିକ ୪୧% ପିଲା ପର୍ନୋଗ୍ରାଫି ଦେଖୁଛନ୍ତି। ସେହିପରି ନିର୍ଦ୍ଦିଷ୍ଟ ପର୍ନୋଗ୍ରାଫି ସାଇଟ୍‌ରେ ୩୭%, ଇନ୍‌ଷ୍ଟାଗ୍ରାମରେ ୩୩%, ସ୍ନାପଚାର୍ଟରେ ୩୨% ଏବଂ ସର୍ଚ୍ଚ ଇଞ୍ଜିନ ଜରିଆରେ ୩୦% ପିଲା ଅଶ୍ଳୀଳ ଫିଲ୍ମ ଦେଖୁଛନ୍ତି। ପିଲାମାନଙ୍କୁ ଏ ପ୍ରକାର କାର୍ଯ୍ୟକଳାପରୁ ନିବୃତ୍ତ ରଖିବା ଅତ୍ୟନ୍ତ ଆବଶ୍ୟକ। ପୂର୍ବରୁ ବିକ୍ରି ହେଉଥିବା ଅଶ୍ଳୀଳ ମାଗାଜିନ୍ ଏବଂ ବର୍ତ୍ତମାନ ସମୟରେ ସହଜରେ ଅନ୍‌ଲାଇନ୍‌ରେ ଉପଲବ୍ଧ ହେଉଥିବା ଅଶ୍ଳୀଳ ଭିଡିଓ ମଧ୍ୟ ବହୁ ପାର୍ଥକ୍ୟ ରହିଥିବା ଲଣ୍ଡନର ଚିଲ୍‌ଡ୍ରେନ୍ କମିଶନର ଡାମେ ରାଚେଲ ଡି ସୋଜା କହିଛନ୍ତି। ଏ ନେଇ ଶିକ୍ଷକ ଓ ଆଇନ ପ୍ରଣେତାମାନେ ସମ୍ବେଦନଶୀଳ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍।

ଭାରତରେ ୨୦୨୧ ମସିହା ନୂଆ ଆଇଟି ନିୟମ ଅନୁସାରେ ଭାରତରେ ପର୍ନୋଗ୍ରାଫିକ୍ ୱେବ୍ ସାଇଟ୍‌ଗୁଡ଼ିକୁ ବ୍ୟାନ୍ କରାଯାଇଛି। ଏ ନେଇ ଗୁରୁତ୍ୱପୂର୍ଣ୍ଣ ନିୟମ ଗତବର୍ଷ ସେପ୍ଟେମ୍ବରରେ ଲାଗୁ କରାଯାଇଛି। ଏହା ଜରିଆରେ ପାଖାପାଖି ୬୩ଟି ୱେବ୍‌ସାଇଟ୍‌କୁ କେନ୍ଦ୍ର ସରକାର ନିଷିଦ୍ଧ କରିଛନ୍ତି। ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୦୧୮ରେ ପର୍ନୋଗ୍ରାଫିକ୍ କଣ୍ଟେଣ୍ଟ ଥିବା ୮୨୭ ୱେବ୍‌ସାଇଟ୍‌କୁ ବ୍ଲକ୍ କରିଥିଲେ।

SWACHH SURVEKSHAN 2023
Waste to Wealth

ନିଜ ବାସସ୍ଥାନ ଏବଂ ଅନୁଷ୍ଠାନର

BHUBANESWAR FIRST

୫ ମିଟର

ଚତୁଃପାର୍ଶ୍ୱକୁ ସଫା ରଖନ୍ତୁ

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସୀମା ମଧ୍ୟରେ ଥିବା ସମସ୍ତ ଦୋକାନ/ବ୍ୟବସାୟିକ ପ୍ରତିଷ୍ଠାନ, ଆବାସିକ ଅଞ୍ଚଳ ଏବଂ ସମସ୍ତ ନାଗରିକଙ୍କ ପାଇଁ ସୂଚନା:-

ସର୍ବସାଧାରଣ ସ୍ଥାନ/ରାସ୍ତା/ ଖୋଲାସ୍ଥାନ ନାଳ ବା ଡ୍ରେନ୍‌ରେ ବର୍ଜ୍ୟବସ୍ତୁ ପକାଇ ଏହାକୁ ଅପରିଷ୍କାର କରିବାଠାରୁ ଦୂରେଇ ରହନ୍ତୁ

ନିୟମ ଉଲ୍ଲଙ୍ଘନକାରୀଙ୍କ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନର ପ୍ରାବଧାନ ରହିଛି

ଆବଶ୍ୟକ ହେଲେ ୧୯୨୯ କୁ ମାଗଣାରେ କଲ୍ କରନ୍ତୁ

ନିବେଦନ:- ଭୁବନେଶ୍ୱର ମହାନଗର ନିଗମ

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ଫେବୃୟାରୀ, ୨୦୨୩



## ଓଡ଼ିଶା କ୍ରିକେଟ୍‌ର ଋତୁରାଜ

# ବିଜୟୀ ବସନ୍ତ

**ବିଜୟରୁ କ୍ୟାରିୟର ଆରମ୍ଭ ଓ ଶେଷ । ଜଣେ ଖେଳାଳି ପ୍ରଥମ ଓ ଶେଷ ଉଇକେଟ । ୨୩ ଥର ୫ ଉଇକେଟ ସଫଳତା । ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଡ଼ିଆରେ ରାଜୁତି ପରେ ବିରଳ ରେକର୍ଡ ସହ କ୍ରିକେଟକୁ ଜଣାଇଛନ୍ତି ଅଲ୍‌ବିଦା। ଏହି ଖେଳାଳି ଜଣକ ହେଉଛନ୍ତି ଓଡ଼ିଶା କ୍ରିକେଟ୍‌ର ଋତୁରାଜ, ବସନ୍ତ ମହାନ୍ତି।**

–ପ୍ରସ୍ତୁତି: ତପନ ସ୍ୱାଇଁ



ବିଜୟରୁ ଆରମ୍ଭ, ବିଜୟରେ ଶେଷ। ପ୍ରଥମ ଉଇକେଟ ଯିଏ, ଶେଷ ଉଇକେଟ ମଧ୍ୟ ସିଏ। ୨୩ ଥର ୫ ଉଇକେଟ, ୩ ଥର ୧୦(ମ୍ୟାଚରେ) ଉଇକେଟ ସଫଳତା। ଦୀର୍ଘ ଦେଢ଼ ଦଶନ୍ଧିର ଓଡ଼ିଶା କ୍ରିକେଟ ଜୟଯାତ୍ରାରେ ସେ ଥିଲେ ଅନ୍ୟତମ କର୍ଣ୍ଣଧାର। ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଡ଼ିଆରେ ରାଜୁତି ପରେ ଏଭଳି ଅଭୁଲା ଏବଂ ବିରଳ ରେକର୍ଡ ସହ କ୍ରିକେଟକୁ ଜଣାଇଛନ୍ତି ଅଲ୍‌ବିଦା। ସେ ଥିଲେ ଓଡ଼ିଶା କ୍ରିକେଟର ଋତୁରାଜ, ଦ୍ରୁତ ବୋଲର ବସନ୍ତ ମହାନ୍ତି।

ହକି ବିଶ୍ୱକପ୍‌ର ଉଷ୍ମତା ମଧ୍ୟରେ ଚର୍ଚ୍ଚାକୁ ଆସିଥିଲା ଓଡ଼ିଶା କ୍ରିକେଟ। ଏହାର କେନ୍ଦ୍ରବିନ୍ଦୁ ଥିଲେ ଭାରତୀୟ ଘରୋଇ କ୍ରିକେଟର ଅନ୍ୟତମ ମହାନ୍ ବୋଲର ବସନ୍ତ ମହାନ୍ତି। କୋଲକାତାର ଇଡେନ ଗାର୍ଡେନ୍ସଠାରେ ବେଙ୍ଗଲ ବିପକ୍ଷରେ ରଣଜୀ ଟ୍ରଫି ଖେଳି ନିଜ ପେସାଦାର କ୍ରିକେଟକୁ ଅଲ୍‌ବିଦା ଜଣାଇଥିଲେ ବସନ୍ତ। ଏଥିସହିତ ତାଙ୍କ ଜଣ୍ଟଲମ୍ୟାନ କ୍ୟାରିୟରର ଅବସାନ ଘଟିଥିଲା। ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ହଠାତ୍ କିଛି ନିଷ୍ପତ୍ତି ନେଇ ନ ଥିବା ବସନ୍ତ କ୍ରିକେଟ ସହିତ ଜଡ଼ିତ ହୋଇ ରହିବାକୁ ଚାହାନ୍ତି ବୋଲି କିନ୍ତୁ ସ୍ପଷ୍ଟ କରିଛନ୍ତି। ୧୫ ସିଜନର ପ୍ରଥମ ଶ୍ରେଣୀ କ୍ରିକେଟ ଜୀବନରେ ୧୦୫ ମ୍ୟାଚ ଖେଳି ସେ ନେଇଛନ୍ତି ୪୦୩ ଉଇକେଟ। ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କ୍ରିକେଟର ଦେବାଶିଷ ମହାନ୍ତି ୪୧୭ ଉଇକେଟ ନେଇ ଏହି ତାଲିକାର ଶୀର୍ଷରେ ରହିଥିବାବେଳେ ଦ୍ୱିତୀୟ ଓଡ଼ିଶା ବୋଲରଭାବେ ହିମାଚଳ ପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ୪୦୦ ଉଇକେଟର ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ ବସନ୍ତ। ବେଙ୍ଗଲ ବିପକ୍ଷରେ ନିଜର ଶେଷ ମ୍ୟାଚରେ ସେ ୩ ଉଇକେଟ ହାସଲ କରିଥିଲେ। ୧୬ ବର୍ଷର କ୍ୟାରିୟରରେ ଓଡ଼ିଶା କ୍ରିକେଟର ଅନେକ ସ୍ମରଣୀୟ ମୁହୂର୍ତ୍ତ ସହ ଜଡ଼ିତ ଥିଲେ ଏହି ଦ୍ରୁତ ବୋଲର। ଜାତୀୟ ଦଳରେ ସାମିଲ ହେବାରୁ ଯଦିଓ ବଞ୍ଚିତ ହୋଇଥିଲେ ତେବେ ଘରୋଇ କ୍ରିକେଟର ଅନ୍ୟତମ ଅପ୍ରତିଦ୍ୱନ୍ଦ୍ୱୀ ବାଦ୍‌ଶାହ ଭାବେ ନିଜକୁ ପ୍ରମାଣିତ କରିଥିଲେ।

ପ୍ରଥମ ଶ୍ରେଣୀ କ୍ରିକେଟରେ ବସନ୍ତଙ୍କ ପ୍ରଥମ ଉଇକେଟ ଥିଲେ ବେଙ୍ଗଲର ମନୋଜ ତିୱାରୀ। ୨୦୦୭ରେ ସିଲିଗୁଡ଼ିଠାରେ ଏହି ମ୍ୟାଚ ଖେଳାଯାଇଥିଲା। ଘଟଣାକ୍ରମରେ ସେ କ୍ୟାରିୟରର ଶେଷ ମ୍ୟାଚ ମଧ୍ୟ ବେଙ୍ଗଲ ବିପକ୍ଷରେ ଖେଳିଥିଲେ ଏବଂ ଏହାର ଅଧିନାୟକ ଥିଲେ ମନୋଜ। ତେଣୁ ମ୍ୟାଚ ପୂର୍ବରୁ ସେ ତିୱାରୀଙ୍କ ଉଇକେଟ ନେଇ କ୍ୟାରିୟର ଶେଷ କରିବାକୁ ଆଶାପୋଷଣ କରିଥିଲେ। ବସନ୍ତଙ୍କ ଏଭଳି ଅଭିଳାଷକୁ ସୋସିଆଲ ମିଡିଆ ମାଧ୍ୟମରେ ନଜରକୁ ଆଣିଥିଲେ ବେଙ୍ଗଲ ଅଧିନାୟକ ତଥା କ୍ରୀଡ଼ାମନ୍ତ୍ରୀ ମନୋଜ ତିୱାରୀ। ସଂଯୋଗ ବଶତଃ ବସନ୍ତଙ୍କ ଅଭିଳାଷ ପୂରଣ ହୋଇଥିଲା ଏବଂ ତାଙ୍କ ଶେଷ ଉଇକେଟ ମଧ୍ୟ ଥିଲେ ମନୋଜ। ତେଣୁ ଯାହାଙ୍କ ଉଇକେଟ ନେଇ ବସନ୍ତ କ୍ୟାରିୟର ଆରମ୍ଭ କରିଥିଲେ ସେହି ଖେଳାଳିଙ୍କୁ ଆଉଟ କରି ହିଁ କ୍ୟାରିୟର ଶେଷ କଲେ। ତାଙ୍କ କ୍ରିକେଟ ଜୀବନକୁ ଏଭଳି ସ୍ମରଣୀୟ କରିବା କ୍ଷେତ୍ରରେ ଦୁଇଜଣ ସହାୟତା କରିଥିଲେ। ସେ ଦୁହେଁ ହେଲେ ଉଇକେଟ କିପର ହଳଧର ଦାସ (୨୦୦୭) ଓ ଶାନ୍ତନୁ ମିଶ୍ର (୨୦୨୩)। ଆଉଏକ ସଂଯୋଗ ହେଲା ବସନ୍ତଙ୍କ ପ୍ରଥମ ଓ ଶେଷ ମ୍ୟାଚରେ ଓଡ଼ିଶା ବିଜୟୀ ହୋଇଥିଲା। ଅଧିକାଂଶ ସିଜନରେ ବେଙ୍ଗଲ ବିପକ୍ଷରେ ଓଡ଼ିଶା ସଂଘର୍ଷ କରୁଥିବାବେଳେ ୨୦୦୭ରେ ସିଲିଗୁଡ଼ିରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୬ ଉଇକେଟରେ ବିଜୟ ହାସଲ କରିଥିଲା। ଦେବାଶିଷ ମହାନ୍ତି, ପ୍ରୀତମଜିତ ଦାସ ଓ ପି. ଜୟଚନ୍ଦ୍ରଙ୍କ ଉପସ୍ଥିତି ସତ୍ତ୍ୱେ ବସନ୍ତ ନିଜର ୮.୩ ଓଭର ସ୍ପେଲ୍‌ରେ ୨ଟି ମେଡେନ ନେବାସହ ମାତ୍ର ୨୮ ରନଦେଇ ୬ ଉଇକେଟ ସଫଳତା ପାଇଥିଲେ। ଓଡ଼ିଶା ପ୍ରଥମ ଇନିଂସରେ ଯଦିଓ ମାତ୍ର ୯୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା ତେବେ ବେଙ୍ଗଲର ଦ୍ୱିତୀୟ ଇନିଂସକୁ ୧୨୪ ରନରେ ସୀମିତ ରଖିବାରେ ଦେବାଶିଷ (୪/୩୮) ଓ ପ୍ରୀତମଜିତ (୩/୪୦)ଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ବସନ୍ତ (୨/୨୯)। ୧୩୩ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ୪ ଉଇକେଟ ହରାଇ ହାସଲ କରି ନେଇଥିଲା। କୋଲକାତାର ଇଡେନ ଗାର୍ଡେନ୍ସରେ ୨୦୨୩ ଜାନୁୟାରୀ ୨୪ରୁ ୨୭ ପର୍ଯ୍ୟନ୍ତ ବସନ୍ତ କ୍ୟାରିୟରର ୧୦୫ତମ ତଥା ଶେଷ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳିଥିଲେ। ଏଥିରେ ଓଡ଼ିଶା ୭ ଉଇକେଟରେ ବିଜୟୀ ହୋଇଥିଲା। ଏହି ମ୍ୟାଚ ନିଶ୍ଚିତ ବସନ୍ତଙ୍କ ପାଇଁ ସ୍ମରଣୀୟ ରହିବ। ମ୍ୟାଚ ସମୟରେ ଉଭୟ ଦଳର ଖେଳାଳିଙ୍କ ଗାର୍ଡ ଅଫ୍ ଅନର, ଶେଷରେ ଓଡ଼ିଶା ଖେଳାଳିମାନେ ଖୁସିରେ ଟେକିଧରିବା, ବେଙ୍ଗଲ କ୍ରିକେଟ ଆସୋସିଏଶନ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଯେତେବେଳେ ବି ମନେପଡ଼ିବ ନିଶ୍ଚିତ ତାଙ୍କୁ ଉଲ୍ଲସିତ କରିବ। ଆଉଏକ ଉଲ୍ଲେଖନୀୟ ଘଟଣା ହେଲା ରେକର୍ଡ ଅନୁସାରେ ରଣଜୀ ଟ୍ରଫିରେ ବେଙ୍ଗଲ ବିପକ୍ଷରେ ଓଡ଼ିଶା ମାତ୍ର ୩ ଥର ବିଜୟ ସ୍ୱାଦ ଚାଖିଛି। ଏହା ମଧ୍ୟରେ ବସନ୍ତ ୨ଟି ମ୍ୟାଚରେ ସମ୍ପୃକ୍ତ ରହିଛନ୍ତି। ଏହା ତାଙ୍କ କ୍ୟାରିୟରକୁ ଅଧିକ ଋଦ୍ଧିମନ୍ତ କରିଛି।

### ମାଇଲଖୁଣ୍ଟ

୨୦୦୩–୦୪ ସିଜନରେ ଓଡ଼ିଶା ପକ୍ଷରୁ ୧୯ ବର୍ଷରୁ କମ୍ କ୍ରିକେଟ କ୍ୟାରିୟର ଆରମ୍ଭ କରନ୍ତି ବସନ୍ତ। ୨୦୦୪–୦୫ ସିଜନରେ ତାଙ୍କୁ ୨୨ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି ପାଇଁ ରାଜ୍ୟ ଦଳରେ ମନୋନୀତ କରାଯାଏ। ୨୦୦୭ରୁ ଆରମ୍ଭ ହୁଏ ପ୍ରଥମ ଶ୍ରେଣୀ କ୍ୟାରିୟର। ନିଜର ପ୍ରଥମ ରଣଜୀ ଟ୍ରଫି ମ୍ୟାଚରେ ସେ ବେଙ୍ଗଲର ମନୋଜ ତିୱାରୀ, ଋଦ୍ଧିମାନ ଶାହା, ଲକ୍ଷ୍ମୀରତନ ଶୁକ୍ଳା, କମଲ ହାସନ ମଣ୍ଡଳ, ସୌରଭ ସରକାର ଓ ଅଶୋକ ଦିଣ୍ଡାଙ୍କ ପରି ଖେଳାଳିଙ୍କୁ ଆଉଟ କରି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ। ଦ୍ୱିତୀୟ ଇନିଂସରେ ତାଙ୍କର ଶିକାର ହୋଇଥିଲେ ରଣଦେବ ବୋଷ ଓ ଶିବଶଙ୍କର ପଲ। ୨୦୨୩ ଜାନୁୟାରୀ ୨୪ରୁ ୨୭ ପର୍ଯ୍ୟନ୍ତ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳିଥିଲେ ପେସାଦାର କ୍ୟାରିୟରର ଶେଷ ମ୍ୟାଚ। ଏଥିରେ ସେ ପ୍ରଥମ ଇନିଂସରେ କରନ ଲାଲ୍‌ଙ୍କୁ ଏବଂ ଦ୍ୱିତୀୟ ଇନିଂସରେ କରନ୍‌ଙ୍କ ସମେତ ମନୋଜ ତିୱାରୀଙ୍କ ପ୍ରାଇଜ୍ ଉଇକେଟ ହାସଲ କରିଥିଲେ। ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂରୁ ଖେଳ ଜୀବନ ଆରମ୍ଭ କରିଥିବା ବସନ୍ତ କ୍ୟାରିୟରରେ ୨୩ଥର ୫ ଉଇକେଟ ଏବଂ ମ୍ୟାଚରେ ୩ ଥର ୧୦ ଉଇକେଟ ସଫଳତା ପାଇଛନ୍ତି। ଦୁଲିପ ଟ୍ରଫି ବିଜେତା ପୂର୍ବାଞ୍ଚଳ ଦଳର ସଦସ୍ୟ ରହିବା ଏବଂ ଭାରତ 'ଏ' ଦଳରେ ସାମିଲ ହୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ଖେଳିବା ତାଙ୍କ କ୍ୟାରିୟରର ଆଉ ଏକ ଏକ ମାଇଲଖୁଣ୍ଟ।

### ସଂକ୍ଷେପରେ..

**ନାମ:** ବସନ୍ତ ମହାନ୍ତି
**ଜନ୍ମ:** ୧୯୮୬ ନଭେମ୍ବର ୨୪
**ମା':** ମିନତି ମହାନ୍ତି,
**ବାପା:** ଚିନ୍ତାମଣି ମହାନ୍ତି
**ପ୍ଲେଇଂ ଷ୍ଟାଇଲ:** ଡାହାଣହାତୀ ମିଡିୟମ ପେସର, ଡାହାଣହାତୀ ବ୍ୟାଟର

**ପ୍ରଥମ ଶ୍ରେଣୀ କ୍ରିକେଟ**

**ପଦାର୍ପଣ ମ୍ୟାଚ:** ବନାମ ବେଙ୍ଗଲ, ସିଲିଗୁଡ଼ି, ଡିସେମ୍ବର ୯ରୁ ୧୧, ୨୦୦୭
ଶେଷ ମ୍ୟାଚ: ବନାମ ବେଙ୍ଗଲ, ଇଡେନ ଗାର୍ଡେନ୍ସ, ଜାନୁୟାରୀ ୨୪ରୁ ୨୭, ୨୦୨୩

**ଲିଷ୍ଟ 'ଏ'**

ପଦାର୍ପଣ ମ୍ୟାଚ: ବନାମ ବେଙ୍ଗଲ, ଇଡେନ ଗାର୍ଡେନ୍ସ, ଫେବୃୟାରୀ ୨୦, ୨୦୧୨
**ଶେଷ ମ୍ୟାଚ:** ବନାମ ରେଲୱେ, ଦିଲ୍ଲୀ, ମାର୍ଚ୍ଚ ୪, ୨୦୧୭

**ଟି୨୦**

**ପଦାର୍ପଣ ମ୍ୟାଚ:** ବନାମ ତ୍ରିପୁରା, ଅଗରତାଲା, ମାର୍ଚ୍ଚ ୧୩, ୨୦୧୭
ଶେଷ ମ୍ୟାଚ: ବନାମ ଆସାମ, ଇଡେନ ଗାର୍ଡେନ୍ସ, ଫେବୃୟାରୀ ୫, ୨୦୧୭



ଇଡେନ ଗାର୍ଡେନ୍ସରେ ବେଙ୍ଗଲ ବିପକ୍ଷରେ ରଣଜୀ ଟ୍ରଫି ବିଜୟ ପରେ ବସନ୍ତ ମହାନ୍ତିଙ୍କୁ ସାଥୀ ଖେଳାଳି ଟେକିଧରି ଖୁସି ମନାଉଛନ୍ତି।

### କ୍ୟାରିୟର

**ବ୍ୟାଟିଂ**

| ଫର୍ମାଟ | ମ୍ୟାଚ | ଇନିଂସ | ରନ | ସର୍ବାଧିକ | ଆଭରେଜ | ଅର୍ଦ୍ଧଶତକ | ଚୌକା | ଛକା | କ୍ୟାଚ |
|---|---|---|---|---|---|---|---|---|---|
| ପ୍ରଥମଶ୍ରେଣୀ | ୧୦୫ | ୧୪୫ | ୧୨୯୦ | ୬୦* | ୧୩.୧୬ | ୨ | ୧୯୩ | ୯ | ୨୨ |
| ଲିଷ୍ଟ 'ଏ' | ୩୧ | ୧୯ | ୮୨ | ୧୫* | ୯.୧୧ | ୦ | ୮ | ୧ | ୨ |
| ଟି୨୦ | ୨୧ | ୭ | ୨୭ | ୧୯ | ୬.୭୫ | ୦ | ୫ | ୦ | ୩ |

**ବୋଲିଂ**

| ଫର୍ମାଟ | ମ୍ୟାଚ | ଇନିଂସ | ବଲ | ରନ | ଉଇକେଟ | ଶ୍ରେ/ଇ. | ଶ୍ରେ/ମ୍ୟା. | ଇକୋନୋମି | ୫ଉ |
|---|---|---|---|---|---|---|---|---|---|
| ପ୍ରଥମଶ୍ରେଣୀ | ୧୦୫ | ୧୭୪ | ୨୨୧୯୦ | ୮୪୫୪ | ୪୦୩ | ୭/୨୭ | ୧୧/୪୯ | ୨.୨୮ | ୨୩ |
| ଲିଷ୍ଟ 'ଏ' | ୩୧ | ୩୧ | ୧୬୨୬ | ୧୦୫୬ | ୪୩ | ୫/୨୬ | ୫/୨୬ | ୩.୮୯ | ୧ |
| ଟି୨୦ | ୨୧ | ୨୧ | ୪୮୬ | ୫୨୨ | ୨୦ | ୩/୨୭ | ୩/୨୭ | ୬.୪୪ | ୦ |

## ଭାରତ 'ଏ'ରୁ ରେଡ୍ ବଲ୍‌ରେ ସୁଯୋଗ ନ ପାଇବାର ଅବସୋସ

**ଦୀର୍ଘ ୧୬ ବର୍ଷ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିବାପରେ ଘଟଣାବହୁଳ କ୍ୟାରିୟରର ଅନ୍ତ ଘଟାଇଛନ୍ତି ଦ୍ରୁତ ବୋଲର ବସନ୍ତ ମହାନ୍ତି । କ୍ରିକେଟକୁ କ୍ୟାରିୟର କରି ସେ ଅନେକ କିଛି ପାଇଛନ୍ତି। ମାତ୍ର ଭାରତ 'ଏ' ପକ୍ଷରୁ ରେଡ୍ ବଲ୍‌ରେ ସୁଯୋଗ ନ ପାଇବାର ଅବସୋସ ରହିଛି । ନିଜ କ୍ୟାରିୟର, ଅନୁଭୂତି ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବସନ୍ତଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**ପ୍ର:** ଦୀର୍ଘ ୧୬ ବର୍ଷର କ୍ୟାରିୟର କେତେ ଘଟଣାବହୁଳ ଥିଲା ?

**ଉ:** ମୋର କ୍ରିକେଟ ଯାତ୍ରା ବହୁତ ମଜାଦାର ଥିଲା। ସତ କହିବାକୁ ଗଲେ ମୁଁ ଏତେବାଟ ଆସିବି ବୋଲି କେବେ ଭାବି ନ ଥିଲି। କ୍ୟାରିୟର ଆରମ୍ଭରେ ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ରଶ୍ମିରଞ୍ଜନ ପରିଡ଼ା, ପି. ଜୟଚନ୍ଦ୍ର ଆଦି ସବୁ ଚାପ ନେଉଥିଲେ। ମୋତେ କେବଳ କ୍ରିକେଟକୁ ଉପଭୋଗ କରି ଖେଳିବା ପାଇଁ ପରାମର୍ଶ ଦେଉଥିଲେ। ମୋ ଉପରେ କିଛି ଚାପ ନ ଥିବାରୁ ମୁଁ ଅନ୍ୟ କିଛି କଥା ନ ଭାବି କେବଳ ଖେଳି ଚାଲିଥିଲି। ଦେବାଶିଷ ଓ ଶିବସୁନ୍ଦର ଆଦି ଅବସର ନେବାପରେ ଚାପ କ'ଣ ଅନୁଭବ କରିଥିଲି। ୨୦୧୯ରେ କ୍ୱାର୍ଟର ଫାଇନାଲ ଖେଳିବା ଅବସରରେ ୪୦୦ ଉଇକେଟ ପୂରଣ କଥା ମନକୁ ଆସିଥିଲା। ସେବେଠାରୁ ଲାଗିଥିଲି। ତାହା ପୂରଣ ପାଇଁ ଅଢ଼େଇ ବର୍ଷ ଲାଗିଗଲା। ତେବେ ୧୬ ବର୍ଷର କ୍ୟାରିୟରରେ କେବେ ଆହତ ସମସ୍ୟା କ'ଣ ଜାଣି ନ ଥିଲି।

**ପ୍ର:** କେଉଁ ଘଟଣା ଅବିସ୍ମରଣୀୟ ଥିଲା ?

ଉ: ଜୀବନର ପ୍ରଥମ ମ୍ୟାଚ ଓ ଉଇକେଟ ମୋ ପାଇଁ ଅବିସ୍ମରଣୀୟ। ଏହାକୁ କେବେ ବି ଭୁଲି ପାରିବିନି। ଏହା ବ୍ୟତୀତ କ୍ୟାରିୟରରେ ଗୁଜରାଟ ଓ ବେଙ୍ଗଲ ବିପକ୍ଷରେ ୨ ଥର କ୍ୱାର୍ଟର ଫାଇନାଲ ଖେଳିବା ମଧ୍ୟ ସ୍ମରଣୀୟ।

**ପ୍ର:** କ'ଣ ଅବସୋସ ରହିଯାଇଛି ?

**ଉ:** ମୋର ଫିଟ୍‌ନେସ ଓ ରନିଂ ଷ୍ଟାଇଲ୍‌କୁ ଦେଖିଲେ ମୁଁ କେବେ ଏତେବାଟ ଆସିବି ବୋଲି କେହି ଭାବି ନ ଥିବେ। ମାତ୍ର ଏ ସବୁ କେବେ ମୋ ପାଇଁ ପ୍ରତିବନ୍ଧକ ହୋଇନାହିଁ। ଭାରତୀୟ ଦଳ ପକ୍ଷରୁ ଖେଳିବି ବୋଲି କେବେ ମନକୁ ଆସି ନ ଥିଲା। ତେବେ ଭାରତ 'ଏ' ଦଳ ପକ୍ଷରୁ ରେଡ୍ ବଲ୍‌ରେ ଅଧିକ ମ୍ୟାଚ ନ ପାଇବା ମୋ ପାଇଁ ବଡ଼ ଅବସୋସ ହୋଇରହିଛି। ସତ କହିବାକୁ ଗଲେ ହ୍ୱାଇଟ ବଲ୍ ଅପେକ୍ଷା ରେଡ୍ ବଲ୍‌ରେ ମୋ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ୨୦୦୭ରୁ ୨୦୧୨ ମଧ୍ୟରେ ମୋତେ ଯଦି ଭାରତ 'ଏ' ପକ୍ଷରୁ ରେଡ୍ ବଲ୍‌ରେ ସୁଯୋଗ ମିଳିଥାନ୍ତା ତେବେ ନିଶ୍ଚିତ ମୋ ପ୍ରତିଭା ପ୍ରଦର୍ଶନ କରି ପାରିଥାନ୍ତି।

**ପ୍ର:** କ୍ରିକେଟ ଆପଣଙ୍କୁ କେତେ ଆତ୍ମସନ୍ତୋଷ ଦେଇଛି ?

**ଉ:** ଏହା ଭାଷାରେ ପ୍ରକାଶ କରି ହେବନି। ପିଲାଦିନରୁ ମୁଁ ଘର ନିକଟରେ ବିପିନ ସିଂ, ବିଘ୍ନେଶ ମହାନ୍ତି, ରାକେଶ ମହାନ୍ତି ଆଦିଙ୍କୁ ଦେଖି କ୍ରିକେଟ ପ୍ରତି ଉତ୍ସାହିତ ହୋଇଥିଲି। ଭାଇ ଜୟନ୍ତ ମହାନ୍ତିଙ୍କ ମାଧ୍ୟମରେ ପ୍ରଗତି ସ୍ପୋର୍ଟିଂକୁ ଯାଇଥିଲି। ଜଣେ ସ୍ପିନରଭାବେ ମୁଁ କ୍ୟାରିୟର ଆରମ୍ଭ କରିବାକୁ ଚାହୁଁଥିଲି। ମାତ୍ର ସେଠାରେ ସଞ୍ଜୟ ଶତପଥୀଙ୍କ ପରି ସ୍ପିନରଙ୍କୁ ଦେଖିବାପରେ ଦ୍ରୁତ ବୋଲିଂ ଆଡ଼କୁ ମନ ବଳାଇଥିଲି। ଏହା ହିଁ ମୋ କ୍ରିକେଟ ଜୀବନକୁ ବାଟ ଦେଖାଇଥିଲା ଏବଂ ମୁଁ ଦ୍ରୁତ ବୋଲିଂକୁ କ୍ୟାରିୟର କରିଥିଲି। ମୋ ପାଇଁ କ୍ଲବର ଅବଦାନ ଅନେକ ରହିଛି।

**ପ୍ର:** ଭବିଷ୍ୟତର ଲକ୍ଷ୍ୟ କ'ଣ ଅଛି ?

**ଉ:** ୨୦୦୭ରୁ କ୍ରିକେଟ ମୋ ଜୀବନର ଅଙ୍ଗ ପାଲଟି ଯାଇଛି। ତେଣୁ ମୁଁ କ୍ରିକେଟକୁ କେବେହେଲେ ଛାଡ଼ି ପାରିବି ନାହିଁ। ମୋ କ୍ଲବ ପାଇଁ ମୁଁ କିଛି କରିବାକୁ ନିଶ୍ଚିତ ଚାହିଁବି। ଏହା ବ୍ୟତୀତ ମୋତେ ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର କ'ଣ ଯୋଜନା ରହିଛି ତା' ଉପରେ ମଧ୍ୟ ନଜର ରହିବ।

**ପ୍ର:** ଯୁବ ପିଢ଼ିଙ୍କୁ କ'ଣ କହିବେ ?

**ଉ:** କ୍ରିକେଟକୁ କ୍ୟାରିୟର କରୁଥିବା ପିଲାମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଖେଳନ୍ତୁ। ଖେଳକୁ ଭଲ ପାଆନ୍ତୁ ଏବଂ କଠିନ ପରିଶ୍ରମ କରନ୍ତୁ। କେବଳ ଘରୋଇ କ୍ରିକେଟରେ ଅଟକିଗଲେ ହେବନି, କିପରି ଜାତୀୟ ଦଳର ସଦସ୍ୟ ହୋଇପାରିବେ ସେଥିପାଇଁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରନ୍ତୁ।



ନ୍ୟୁଜିଲାଣ୍ଡ 'ଏ' ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ସିରିଜ ବିଜୟୀ ଭାରତ 'ଏ' ଦଳର ସଦସ୍ୟ ବସନ୍ତ ମହାନ୍ତି (ବାମରୁ ଦ୍ୱିତୀୟ)।

# ହକି କୋଚ୍ ଦୌଡ଼ରେ କାଲ୍‌ଡାସ, ଏକ୍‌ମାନ

ନୂଆଦିଲ୍ଲୀ,୨।୨(ପି.ଟି.)

ଭାରତୀୟ ଜାତୀୟ ହକି ଦଳର ମୁଖ୍ୟ କୋଚ ଭାବରେ ଗ୍ରାହାମ ରିଡ୍‌ଙ୍କୁ ରିପ୍ଲେସ୍ କରିବା ଦୌଡରେ ଆଗୁଆ ଅଛନ୍ତି ଆର୍ଜେଣ୍ଟିନାର ମ୍ୟାକ୍ସ କାଲ୍‌ଡାସ ଓ ନେଦରଲାଣ୍ଡ୍ସର ସିଗଫ୍ରେଡ୍ ଏକମାନ। ବିଶ୍ୱକପରେ ଦଳର ବିଫଳତା ପରେ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ନିଜ ପଦରୁ ଇସ୍ତଫା ଦେଇଥିଲେ। ଭାରତୀୟ ଦଳ ନବମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ସେହିପରି କିଛି ଭାରତୀୟ ଖେଳାଳି ମଧ୍ୟ ଏହି ଦୌଡରେ ସାମିଲ ଥିବା ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ହକି ଇଣ୍ଡିଆ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨-୩ ଜଣ ବିଦେଶୀ କୋଚ୍‌ଙ୍କ ସହିତ ଫେଡେରେଶନର ଆଲୋଚନା ଜାରି ରହିଛି। ରିଡଙ୍କ


ମ୍ୟାକ୍ସ କାଲ୍‌ଡାସ



ସିଗଫ୍ରେଡ୍ ଏକ୍‌ମାନ

ଅଧୀନରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ତେବେ ବିଶ୍ୱକପରେ ଭାରତୀୟ ଦଳର ପ୍ରଦର୍ଶନ ଅତ୍ୟନ୍ତ ଦୟନୀୟ ରହିଥିଲା।

ଆର୍ଜେଣ୍ଟିନାର ମ୍ୟାକ୍ସ କାଲ୍‌ଡାସ ଏହି ତାଲିକାରେ ଆଗୁଆ ରହିଥିବା ବେଳେ ନେଦରଲାଣ୍ଡ୍ସରା ପୂର୍ବତନ ଖେଳାଳି ତଥା ପାକିସ୍ତାନର କୋଚ୍ ସିଗଫ୍ରେଡ ଏକମାନଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଭାରତୀୟ ବଂଶୋଦ୍ଭବ ଏକମାନଙ୍କୁ ପାକିସ୍ତାନ ହକି ଫେଡେରେଶନ ୧୦ ମାସ ଧରି ଦରମା ଦେଇନାହିଁ। ପାକିସ୍ତାନ ଫେଡେରେଶନ ସହିତ ବିବାଦ କାରଣରୁ ସେ ହକି ଇଣ୍ଡିଆରେ ଯୋଗ ଦେବାର ସମ୍ଭାବନା ରହିଛି। ଏସିଆନ୍ ଗେମ୍ସ ଚଳିତ ବର୍ଷ ହେବାକୁ ଥିବା ବେଳେ ଆସନ୍ତା ବର୍ଷ ରହିଛି ପ୍ୟାରିସ୍ ଅଲିମ୍ପିକ୍ସ। ପୂର୍ବରୁ ନୂତନ କୋଚଙ୍କୁ ନିଯୁକ୍ତି ଦିଆଯିବ। ୨୦୧୯ରେ ଗ୍ରାହାମ ରିଡ୍ ଭାରତୀୟ ଦଳର କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ସହିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ରୌପ୍ୟ ପଦକ ହାସଲ କରିଥିଲା। ଆସନ୍ତା ବର୍ଷର ପ୍ୟାରିସ୍ ଅଲିମ୍ପିକ୍ସ ଯାଏଁ ରିଡଙ୍କ କାର୍ଯ୍ୟକାଳ ରହିଥିଲା।

# ଅମନଙ୍କୁ ବ୍ରୋଞ୍ଜ ପଦକ

ଜାଗ୍ରେବ୍ (କ୍ରୋଏସିଆ), ୨।୨ (ପି.ଟି.)

**ଜାଗ୍ରେବ୍ ଓପନ ରେସ୍‌ଲିଂ**

ଭାରତର ଅମନ ଶେରାୱତ ଏଠାରେ ଚାଲିଥିବା ଜାଗ୍ରେବ୍ ଓପନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ୧୭ ବର୍ଷୀୟ ଅମନ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଜେନିରେ ରୋଡ୍ସ ରିଚାର୍ଡ୍ସଙ୍କୁ ୧୦-୪ରେ ପରାସ୍ତ କରି ଏହି ର୍ୟାଙ୍କିଂ ଟୁର୍ନାମେଣ୍ଟରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଆଜରବୈଜାନର ଆଲିବାବାସ୍ ଆର୍‌ଜାଜାଦେ ଫାଇନାଲରେ ଜାପାନର ୟୁତୋ ନିଶିଉଚିଙ୍କୁ ୨-୦ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି। ଅନ୍ୟ ବ୍ରୋଞ୍ଜ ପଦକ ଜର୍ଜିଆର ବେକା ବୁଜିଆଶଭିଲି ହାସଲ କରିଛନ୍ତି। ଅମନ ସେମିଫାଇନାଲ୍‌ରେ ନିଶିଉଚିଙ୍କଠାରୁ ପରାଜିତ ହେବା ପୂର୍ବରୁ କ୍ୱାର୍ଟରଫାଇନାଲରେ ଜର୍ଜିଆର ରବର୍ଟ ଡିଙ୍ଗାସଭିଲିଙ୍କଠାରୁ ହାରିଯାଇଥିଲେ। ମାତ୍ର ତାଙ୍କ ଜାପାନିଜ ପ୍ରତିଦ୍ୱନ୍ଦ୍ୱୀ ଫାଇନାଲରେ ପ୍ରବେଶ କରିବାରୁ ସେ ରିପିଚେଜ୍ ଗ୍ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଅନ୍ୟ ଜଣେ ଭାରତୀୟ ପୃଥ୍ୱୀରାଜ ବାବାସାହେବ ପାଟିଲ (ପୁରୁଷ



ଅମନ ଶେରାୱତ

୯୨କେଜି) ବ୍ରୋଞ୍ଜ ପଦକ ଦୌଡ଼ରେ ରହିଛନ୍ତି। ରିପିଚେଜ ଗ୍ରାଉଣ୍ଡରେ ସେ ମଙ୍ଗୋଲିଆର ଗାନ୍‌ଖୁୟାଗ୍ ଗାନ୍‌ବାଟାରଙ୍କୁ ଭେଟିବେ। ପାଟିଲ ସେମିଫାଇନାଲରେ ଜର୍ଜିଆର ମିରିଆନି ମେସୁରାଜଙ୍କ ନିକଟରୁ ୧୦-୦ରେ ହାରିଯାଇଥିଲେ। ପୂର୍ବରୁ ସେ କ୍ୱାର୍ଟରଫାଇନାଲରେ ପୋଲାଣ୍ଡର ରାଡୋସ୍ଲା ମାର୍ସିନ୍‌କିଜ୍‌ଙ୍କୁ ୫-୨ରେ ପରାସ୍ତ କରିଛନ୍ତି। ମହିଳା ୫୦ କେଜି ଶ୍ରେଣୀରେ ଭାରତର ଶିବାନୀ ପାୱାର ୟୁଏସ୍‌ଏର ଏରିନ୍ ସିମୋନ୍ ଗଲ୍‌ଷ୍ଟୋନ୍‌ଙ୍କଠାରୁ ୪-୦ରେ ପରାଜିତ ହେବା ପରେ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଥିଲେ।

# ଷଷ୍ଠ ସ୍ଥାନକୁ ଉଠିଲା ଓଏଫ୍‌ସି

ଚେନ୍ନାଇ,୨।୨

**ଇଣ୍ଡିଆନ୍ ସୁପର ଲିଗ୍**

ଚେନ୍ନାଇର ଜବାହର ଲାଲ ଇନଡୋର ଷ୍ଟାଡିୟମରେ ଖେଳାଯାଇଥିବା ଚେନ୍ନାୟିନ୍ ଏଫ୍‌ସି ବିପକ୍ଷ ମ୍ୟାଚରେ ପଏଣ୍ଟ ବାଣ୍ଟିଛି ଓଡ଼ିଶା ଏଫ୍‌ସି। ଏହି ମ୍ୟାଚରୁ ଦଳ ୧ ପଏଣ୍ଟ ହାସଲ କରିଥିବା ବେଳେ ବେଙ୍ଗାଲୁରୁ ଏଫ୍‌ସିକୁ ପଛରେ ପକାଇ ପଏଣ୍ଟ ଟେବଲର ଷଷ୍ଠ ସ୍ଥାନକୁ ଦଳ ଉତ୍ତୀର୍ଣ୍ଣ ହୋଇଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ରେ ରହିବା ସହିତ ଉଭୟ ଦଳ ପଏଣ୍ଟ ବାଣ୍ଟିଥିଲେ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଚେନ୍ନାୟିନ୍ ବେଶ ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ସହିତ ୫୯ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ମ୍ୟାଚର ୨୪ ତମ ମିନିଟରେ ଓଡ଼ିଶା ଏଫ୍‌ସି ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ ଡିଏଗୋ ମରିସିଓ। ଏହାର ମାତ୍ର ୧ ମିନିଟ ମଧ୍ୟରେ ଚେନ୍ନାୟିନ୍ ମିଡଫିଲ୍ଡର ଅନିରୁଦ୍ଧ


ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଥାପା ଏହି ଗୋଲଟିକୁ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧରେ ଖେଳ ୧-୧ରେ ରହିବା ପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ୪୭ ତମ ମିନିଟରେ ଓଏଫ୍‌ସି ପାଇଁ ଦ୍ୱିତୀୟ ଗୋଲ ଦେଇଥିଲେ ଆଇଜାକ ଭନଲାଲରୁଆଟଫେଲା। ଏହାର ୧୦ ମିନିଟ ମଧ୍ୟରେ ଚେନ୍ନାୟିନ୍ ପକ୍ଷରୁ ଆବଦେନାସେର ଅଲ ଖୟେତୀ ଗୋଲଟି ପରିଶୋଧ କରିଥିଲେ। ଚେନ୍ନାଇ ପକ୍ଷରୁ ଅନ୍ତିମ ୩୦ ମିନିଟରେ ଗୋଲ କରିବାର ପ୍ରୟାସ କରାଯାଇଥିଲେ ମଧ୍ୟ ଓଏଫ୍‌ସି ଗୋଲକିପର ଅମରିନ୍ଦର ସିଂ ଏହାକୁ ନିଷ୍ଫଳ କରି ଦେଇଥିଲେ। ଏହି ମ୍ୟାଚ ପରେ ଓଏଫ୍‌ସି ୧୬ ମ୍ୟାଚରୁ ୭ ବିଜୟ ସହ ୨୩ ପଏଣ୍ଟ ସହିତ ଷଷ୍ଠ ସ୍ଥାନରେ ପହଞ୍ଚିଛି।

## ସର୍ବଭାରତୀୟ ବେସାମରିକ କବାଡ଼ି ପାଇଁ ଖେଳାଳି ଚୟନ

**ଭୁବନେଶ୍ୱର, ୨।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ମାସ ୨୦ରୁ ୨୪ ପର୍ଯ୍ୟନ୍ତ ହେବାକୁ ଥିବା ସର୍ବଭାରତୀୟ ବେସାମରିକ କବାଡ଼ି ପ୍ରତିଯୋଗିତା ପାଇଁ ଆସନ୍ତା ରବିବାର (ଫେବୃୟାରୀ-୫) ସ୍ଥାନୀୟ ୟୁନିଟ୍-୬ ଖେଳ ପଡ଼ିଆରେ ସକାଳ ୯ଟାରେ ଅନୁଷ୍ଠିତ ହେବ। ଏଥିରେ କେବଳ ସରକାରୀ ଚାକିରିରେ ରହିଥିବା ଖେଳାଳିମାନେ ଭାଗ ନେଇପାରିବେ। ଏଥିରେ ଅଂଶଗ୍ରହଣ କରିବାକୁ ହେଲେ ସେମାନଙ୍କୁ ନିଜ ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ବିଭାଗ/ଅଫିସ ପରିଚୟପତ୍ର ସହ ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ଏବଂ ନିଜ ବିଭାଗ/ଅଫିସରୁ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ସଙ୍ଗରେ ଆଣି ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ। ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ ଏହି ସୂଚନା ଦେଇଛନ୍ତି।

# କ୍ୱାର୍ଟର ଫାଇନାଲରେ ସୁଆଙ୍ଗ, ମୁକୁନ୍ଦପ୍ରସାଦ

**ପୁରୁଣା ଭୁବନେଶ୍ୱର,୨।୨(ଡିଏନ୍‌ଏ):** ମା' ଭଗବତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବାଙ୍କୁଆଲ ଖେଳ ପଡିଆରେ ଅନୁଷ୍ଠିତ ଜଗବନ୍ଧୁ ସ୍ୱାଇଁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ସୁଆଙ୍ଗ ଓ ମୁକୁନ୍ଦପ୍ରସାଦ। ପ୍ରଥମ ଲିଗ୍ ମ୍ୟାଚ ଖୋର୍ଦ୍ଧାର ଗୁଡୁମ ଓ ସୁଆଙ୍ଗ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଗୁଡୁମ ନିର୍ଦ୍ଧାରିତ ୧୭ ଓଭରରେ ୮ ଉଇକେଟରେ ୧୨୫ ରନ୍ କରିଥିଲା। ଜବାବରେ ସୁଆଙ୍ଗ ୧୬.୪ ଓଭରରେ ୮ ଉଇକେଟ ହରାଇ ୧୨୬ ରନ କରି ମ୍ୟାଚ ଜିତି ନେଇଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚଟି ଖୋର୍ଦ୍ଧାର ମୁକୁନ୍ଦପ୍ରସାଦ ଓ କଟକର ଏମ୍‌କେସିସି ମଧ୍ୟରେ ଖେଳା ଯାଇଥିଲା। ଏମ୍‌କେସିସି ପ୍ରଥମେ ବ୍ୟାଟିଂ କରି ୯ ଉଇକେଟରେ ୧୨୦ ରନ୍ କରିଥିବା ବେଳେ ୯ ଓଭରରେ ୩ ଉଇକେଟ ହରାଇ ମୁକୁନ୍ଦପ୍ରସାଦ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା । ଆଲୋକ ସାମନ୍ତରାୟ, ସୁନୀଲ ସ୍ୱାଇଁ ଓ ଜିତେନ୍ଦ୍ର ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ।

# ବିଜୟ ସହ ଓଡ଼ିଶା ପୁରୁଷ ଦଳର ଅଭିଯାନ



ଓଡ଼ିଶା ପୁରୁଷ ଭଲିବଲ ଦଳ।

ଭୁବନେଶ୍ୱର, ୨।୨ (କ୍ରୀଡ଼ା ପ୍ରତିନିଧି)

**ଜାତୀୟ ସିନିୟର ଭଲିବଲ**

ଆସାମର ଗୁଆହାଟୀଠାରେ ଗୁରୁବାର ଆରମ୍ଭ ହୋଇଥିବା ୭୧ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ (ମହିଳା/ପୁରୁଷ)ରେ ଓଡ଼ିଶା ପୁରୁଷ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ଦଳ ୩:୧ (୨୫-୨୧, ୨୭-୨୯, ୨୫-୧୧, ୨୫-୧୪)ରେ ମଣିପୁରକୁ ପରାସ୍ତ କରିଛି। ବିଜୟୀ ଓଡ଼ିଶା ଦଳର ସଦସ୍ୟମାନେ ହେଲେ ପି.ପି. ଆଫଜଲ (ଅଧିନାୟକ), ମାନସ ରଞ୍ଜନ ପାଣୀ, ଅନୀଲ କୁମାର ସେନାପତି, ରାହୁଲ ବାରିକ, ରାଜେଶ କୁମାର ସାହୁ, ଆଶୁତୋଷ ତ୍ରିପାଠୀ, ଅଜୟ କୁମାର ତରାଇ, ଦୀପ୍ତିରାଜ ମିଶ୍ର, ପ୍ରତାପ କୁମାର ସ୍ୱାଇଁ, ଶୁଭ୍ରାଂଶୁ ଶେଖର ଓଝା, ସେକ୍ ସିରାଜ ଅଲୀ ଓ ପ୍ରଜ୍ଞା ସାରଥୀ ଜେନା (ଏଲ୍)। କୋଚ୍‌ଭାବେ ରମେଶ ଚନ୍ଦ୍ର ଓଝା ଓ ବିଶ୍ୱଜିତ ଦାସ ଦଳସହ ରହିଛନ୍ତି। ପ୍ରତିଯୋଗିତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଭାରତ ପ୍ରଥମେ ଭୁଟାନକୁ ଭେଟିବ

**ଢାକା, ୨।୨ (ପି.ଟି.):** ଦକ୍ଷିଣ ଏସୀୟ ଫୁଟ୍‌ବଲ ମହାସଂଘ (ସାଫ୍) ୨୦ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚ ଶୁକ୍ରବାର ଭୁଟାନ ବିପକ୍ଷରେ ଖେଳିବ। ଗତବର୍ଷ ୧୭ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଖେଳିଥିବା ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଭାରତ ପ୍ରତିଯୋଗିତାରେ ଉଦ୍‌ଘାଟନୀ ସଂସ୍କରଣ ଜିତିବା ଆଶା ରଖିଛି। ଟୁର୍ନାମେଣ୍ଟରେ ଭାଗ ନେଉଥିବା ଅନ୍ୟ ଦୁଇ ଦଳ ହେଲେ ବାଂଲାଦେଶ ଓ ନେପାଳ।

# ତ୍ରିରାଷ୍ଟ୍ରୀୟ ମହିଳା ଟି୨୦: ଫାଇନାଲରେ ହାରିଲା ଭାରତ

ବଫାଲୋ ପାର୍କ,୨।୨

ତ୍ରିରାଷ୍ଟ୍ରୀୟ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ଭାରତକୁ ୫ ଉଇକେଟରେ ପରାସ୍ତ କରିଛି ଦକ୍ଷିଣ ଆଫ୍ରିକା। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୪ ଉଇକେଟରେ ୧୦୯ ରନ୍ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୧୭.୫ ଓଭରରେ ୫ ଉଇକେଟରେ ୧୧୩ ରନ୍ କରି ବିଜୟୀ ହୋଇଥିଲା। ଘରୋଇ ଦଳ ପକ୍ଷରୁ କ୍ଲୋଏ ଟ୍ରାୟନ ଅପରାଜିତ ୫୭ ରନ୍ କରିଥିଲେ। ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବେଳେ ଦୁଇ ଓପନର ସ୍ମୃତି ମାନ୍ଧନା(୦) ଓ ଜେମାଇମା ରୋଡ୍ରିଗ୍ସେଜ(୧୧) ଦଳୀୟ ସ୍କୋର ୧୫ ରନ ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ଭାରତ ପକ୍ଷରୁ ହରଲିନ୍ ଦେଓଲ ସର୍ବାଧିକ ୪୬* ରନ୍ କରିଥିଲେ। ତେବେ ଏହି ଇନିଂସ ପାଇଁ ସେ ୫୬ ବଲ୍ ଖେଳିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହରମନ୍‌ପ୍ରୀତ୍ କୌର(୨୧) ଓ ଦିପ୍ତୀ ଶର୍ମା ୧୪* ରନ୍ କରିଥିଲେ। ଭାରତ ଇନିଂସରେ ମାତ୍ର ୯ ଚୌକା ଦେଖିବାକୁ ମିଳିଥିଲା। ଏନ୍ ମିଲବା ସର୍ବାଧିକ ଦୁଇ ଉଇକେଟ ନେଇଥିଲେ। ଭାରତ ପରି ଦକ୍ଷିଣ ଆଫ୍ରିକାର ଆରମ୍ଭ ମଧ୍ୟ ଖରାପ ରହିଥିଲା। ୨୧ ରନରେ ୩ ଓ ୪୭ ରନ୍‌ରେ ଦଳ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା। କ୍ଲୋଏ ଟ୍ରାୟନ ୩୨ ବଲ୍ ଖେଳି ୬ ଚୌକା ଓ ୨ ଛକା ମାରି ଦଳକୁ ବିଜୟୀ କରିଥିଲେ। ଭାରତ ପକ୍ଷରୁ ସ୍ନେହ ରାଣା ୨ ଉଇକେଟ ନେଇଥିବା ବେଳେ ଦିପ୍ତୀ ଶର୍ମା, ରାଜେଶ୍ୱରୀ ଗାଏକ୍ୱାଡ ଓ ରେଣୁକା ସିଂ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୦୯/୪(ହରଲିନ୍ ଦେଓଲ-୪୬*, ହରମନପ୍ରୀତ୍ କୌର-୨୧, ଦିପ୍ତୀ ଶର୍ମା-୧୪*, ଏନ୍ ମିଲବା-୨/୧୬, ଆୟୋବାଙ୍ଗା ଖାଖା-୧/୧୭, ସୁନ ଲୁସ୍-୧/୨୨)।

ଦକ୍ଷିଣ ଆଫ୍ରିକା-୧୭.୫ ଓଭରରେ ୧୧୩/୫ ( କ୍ଲୋଏ ଟ୍ରାୟନ-୫୭*, ନାଡିନ୍ ଡି କ୍ଲାର୍କ-୧୭*, ସ୍ନେହ ରାଣା-୨/୨୧, ଦିପ୍ତୀ ଶର୍ମା-୧/୧୯, ରେଣୁକା ସିଂ-୧/୧୬)।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୪



ସୁଶ୍ରୀ ଦିବ୍ୟଦର୍ଶିନୀ



ସରିତା ମେହେର



ରସନାରା ପରବିନ



ମାଧୁରୀ ମେହେଟା

ଭୁବନେଶ୍ୱର, ୨।୨ (କ୍ରୀଡ଼ା ପ୍ରତିନିଧି)

**ସିନିୟର ମହିଳା ଆନ୍ତଃଜୋନ ଏକଦିବସୀୟ ଟୁର୍ନାମେଣ୍ଟ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ହାଇଦ୍ରାବାଦଠାରେ ଚଳିତ ମାସ ୧୨ରୁ ୨୧ ପର୍ଯ୍ୟନ୍ତ ସିନିୟର ମହିଳା ଆନ୍ତଃଜୋନ ଏକଦିବସୀୟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ପୂର୍ବାଞ୍ଚଳ ଚୟନ କମିଟି ବୈଠକ ଗୁରୁବାର ରାଞ୍ଚିଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଚୟନ ହୋଇଥିବା ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମାଧୁରୀ ମେହେଟା, ସରିତା ମେହେର, ସୁଶ୍ରୀ ଦିବ୍ୟଦର୍ଶିନୀ ଓ ରସନାରା ପରବିନ। ଘରୋଇ କ୍ରିକେଟରେ କ୍ରମାଗତ ଭଲ ପ୍ରଦର୍ଶନ ଜାରି ରଖିଥିବାରୁ ଏହି ୪ ଓଡ଼ିଆ ଖେଳାଳି ପୂର୍ବାଞ୍ଚଳ ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛନ୍ତି। ମନୋନୀତ ଓଡ଼ିଆ ଖେଳାଳିମାନଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# କାନୋଇଂ, କାୟାକିଂରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨।୨ (ସ୍ପୋର୍ଟ୍ସବ୍ୟୁରୋ)

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ମଧ୍ୟପ୍ରଦେଶରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୨ରେ ପ୍ରଥମ କରି କାୟାକିଂ ଓ କାନୋଇଂକୁ ସାମିଲ କରାଯାଇଛି। କାନୋଇଂରେ ଓଡ଼ିଶା ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କାୟାକିଂରେ ମହିଳା ଦଳ ଏବଂ ବ୍ୟକ୍ତିଗତ ବର୍ଗରେ ପୁଖରାମ ରୋଜି ଦେବୀ ସ୍ୱର୍ଣ୍ଣ ପଦକ ପଦକ ହାସଲ କରଛନ୍ତି। କାନୋଇଂ କେ-୪ ୫୦୦ ମିଟର ପୁରୁଷ ଇଭେଣ୍ଟରେ ଓଡ଼ିଶା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଥଙ୍ଗାସବମ ଡାଏମଣ୍ଡ ମେଇତେଇ, ଟୋମଥିଲନଗମ୍ବା ନଗାଶେପମ, ଇରୋମ ବୋରିସ୍ ସିଂ ଓ ସତ୍ୟମ ବଲିୟାଁଙ୍କ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। କେ-୧ ଏମ ୧୦୦୦ ମିଟର ଇଭେଣ୍ଟରେ ଟୋମଥିଲନଗମ୍ବା ନଗାଶେପମ



କାନୋଇଂରେ ସ୍ୱର୍ଣ୍ଣ ପଦକ ପାଇଥିବା ଓଡ଼ିଶା ପୁରୁଷ ଦଳ।

ବ୍ରୋଞ୍ଜ ପଦକ ହାସଲ କରିଥିଲେ। କେ-୨ ଏମ ୧୦୦୦ ମିଟର ଇଭେଣ୍ଟରେ ଟୋମଥିଲନଗମ୍ବା ନଗାଶେପମ ଓ ଇରୋମ ବୋରିସ୍ ସିଂ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ସି-୨ ଏମ ୧୦୦୦ ମିଟର ଇଭେଣ୍ଟରେ ଅବିନାଶ ସିଙ୍ଗମ ଓ ଫାଇରେମ୍ବମ ବୋରିଶ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ମହିଳା କାୟାକିଂରେ କେ-୧ ଡବ୍ଲ୍ୟୁ ୫୦୦ ମିଟର ଇଭେଣ୍ଟରେ ପୁଖରାମ ରୋଜି ଦେବୀ ସ୍ୱର୍ଣ୍ଣ ପଦକ ଜିତିଥିଲେ। କେ-୪ ଡବ୍ଲ୍ୟୁ ୫୦୦ ମିଟର ଦଳଗତ ଇଭେଣ୍ଟରେ ଶ୍ରୁତି ଚୌଗୁଲେ, ଲିଚୋନବାମ ସୋନିଆ ଦେବୀ, ଥୋଙ୍ଗମ ଲକ୍ଷ୍ମୀ ଓ ପୁଖରାମ ରୋଜି ଦେବୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେ-୨ ଡବ୍ଲ୍ୟୁ ୫୦୦ ମିଟର ଇଭେଣ୍ଟରେ ଶ୍ରୁତି ଚୌଗୁଲେ ଓ ଥୋଙ୍ଗମ ଲକ୍ଷ୍ମୀ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିପରି ସି-୨ ଡବ୍ଲ୍ୟୁ ୫୦୦ ମିଟର ଇଭେଣ୍ଟରେ ମଧୁସ୍ମିତା ନାୟକ ଓ ଲେଇଚୋନବାମ ନେହା ଦେବୀ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଓଡ଼ିଶା ଦଳ ଲାଇଶରାମ ଜନସନ୍ ସିଂଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ନେଉଛି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ